ସକାଳ
THE SAKALA
www.sakalaepaper.com



### ଆଜି କୃଷି ସଂସ୍କୃତିର ପାରମ୍ପରିକ ପର୍ବ 'ଅଖି ମୁଠି'

# ନିମିଷକ ପାଇଁ ବଳଦ ଖୋଜା; ଚାଷୀ ଖୋଜୁଛି ପାଣି

ବ୍ରହ୍ମପୁର,୧୯ ।୪(ସମିସ)



ବୈଶାଖ ଶୁକ୍ଳ ତୃତୀୟା ଦିନଟି ଅକ୍ଷୟ ତୃତୀୟା ଭାବେ ପାଳନ କରାଯାଏ। ଏହି ଦିନଟି କୃଷକଙ୍କ ବଡ଼ପର୍ବ। କାରଣ କୃଷକ ଏହି ଦିନ ଅମୃତ ବେଳାରେ ଅଖି ମୁଠି ବା ଅକ୍ଷୟ ମୁଠି ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଥାଏ। ଏହି ଦିନରେ କୃଷି କାମ ଆରମ୍ଭ କଲେ ଭଲ ଅମଳ ସହ ଚାଷୀ ଲାଭବାନ୍ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଚାଷୀ ବହୁଳ ଗଞ୍ଜାମ ଜିଲ୍ଲାରେ ପରମ୍ପରା ବଞ୍ଚାଇବା ଆଳରେ କାଁ ଭାଁ କିଛି ସ୍ଥାନରେ ଅଖି ମୁଠି ବୁଣାଯାଇଛି। ବର୍ତ୍ତମାନ ରବି ଋତୁରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପନିପରିବା ମଧ ପାଣି ଅଭାବରୁ ଉଜୁଡ଼ି ଯିବାକୁ ବସିଛି। ଖରିଫ ବେଳେ ବହୁ ବ୍ଲକର ଚାଷୀ ଧାନଚାଷ କ୍ଷେତ୍ରରେ ବର୍ଷା ଜଳ ଉପରେ ନିର୍ଭର କରିଥାନ୍ତି। ମୌସୁମୀ ବର୍ଷା ହିଁ ଏମାନଙ୍କ ପାଇଁ ଏକମାତ୍ର ଭରସା। ଯେତିକି ଡ୍ୟାମ ଅଛି ସେଗୁଡ଼ିକ କେବଳ ଖରିଫରେ ପାଣି ଯୋଗାଇବାକୁ ଯଥେଷ୍ଟ। ଏଣୁ ବିଭିନ୍ନ ଜଳାଶୟ ଆଦିର ପର୍ଯ୍ୟାପ୍ତ ପାଣି ହେବା ପରେ ହିଁ ଖରିଫ୍ ଚାଷ କାର୍ଯ୍ୟ ଆରମ୍ଭ ହେବ। ସେହିଭଳି ଜିଲ୍ଲାରେ ଜଳସେଚନ ପାଇଁ ପର୍ଯ୍ୟପ୍ତ ପରିମାଣରେ ସୁବିଧା ନଥିବାରୁ ରବି ଋତୁରେ ଧାନ ଓ ପନିପରିବା ଚାଷ କରିବାରୁ ଏଠାକାର ଚାଷୀ ବଞ୍ଚିତ ହେଉଛନ୍ତି। ତେଣୁ ଅଖି ତୃତୀୟା ଦିନ କେଳବ ପୂଜାରେ ସୀମିତ ରହିଯାଏ ଧାନ ବୁଣା।

ପରମ୍ପରା ଅନୁଯାୟୀ ଚାଷୀ ନିଜ ସ୍ୱାଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏକ ନୂତନ ଗୁଳିରେ ପିଠା ନେଇ ହଳ ଲଙ୍ଗଳ ଧରି କ୍ଷେତକୁ ଯାଇଥାଏ। ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଏ। ପୂଜା ସରିବା ପରେ ମୁଠା ମୁଠା ବିହନ କିଆରୀରେ ବୁଣିଥାଏ। ଯାହାକୁ ସାଧାରଣରେ ଅଖି ମୁଠି ବୋଲି କୁହନ୍ତି। ଘରର ଗୃହିଣୀ ମାନେ ଏହି ଦିନରେ 'ଷଠିଦେବୀ'ଙ୍କ ପୂଜା କରିବାର ନଜିର ମଧ ରହିଛି। ସେହିଭଳି ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରିଥାନ୍ତି। ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ଗୋଟିଏ ପ୍ରଶସ୍ତ ଶୁଭଦିନ ରୂପେ ବର୍ଣ୍ଣନା କରାଯାଉଛି। କିନ୍ତୁ ଜଳସେଚନର ସୁବିଧା ନଥିବା ଓ ପାଣିପାଗରେ ବିଶେଷ ପରିବର୍ତ୍ତନ ଯୋଗୁଁ ଚାଷ କାର୍ଯ୍ୟ ସହିତ ପରମ୍ପରା ବି ଜନ ମାସନରୁ ହଜି ହଜି ଯାଉଛି। ଏଣୁ ନୂତନ ସରକାର ଚାଷକାର୍ଯ୍ୟକୁ ପ୍ରାଧାନ୍ୟ ଦେବାକୁ ହେଲେ ଜଳସେଚନକୁ ଅଧିକ ସୁଦୃଢ କରିବାକୁ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବି ହୋଇଛି।

ଅପରପକ୍ଷେ କୃଷି ସଂସ୍କୃତି ସହ ଗଭୀର ଭାବେ ଜଡିତ ପାରମ୍ପରିକ ପର୍ବ "ଅଖି ମୁଠି" ଏବେ ଗଞ୍ଜାମ ଜିଲ୍ଲାରେ କେବଳ ପରମ୍ପରାରେ ସୀମିତ ହୋଇପଡ଼ିଛି। ଚାଷୀମାନେ ପ୍ରତିବର୍ଷ ଏହି ପର୍ବରେ ନୂତନ ଚାଷ ଆରମ୍ଭ କରିଥାନ୍ତି, କିନ୍ତୁ ବର୍ତ୍ତମାନ ସ୍ଥିତିରେ ନା ବଳଦ ମିଳୁଛି, ନା ପର୍ଯ୍ୟାପ୍ତ ଜଳସେଚନର ସୁବିଧା ଅଛି। ଯାହା ଚାଷୀମାନଙ୍କ ମନରେ ନିରାଶା ଦେଖାଦେଇଛି। ସ୍ଥିତି ଏପରି ହୋଇଛି ଯେ, ଅଖି ମୁଠି ପାଇଁ ବଳଦ ଖୋଜିବାକୁ ମଧ କୃଷି ପ୍ରଶାସନ ବାଧ ହେଉଛି। କାରଣ ସମସ୍ତେ ଏବେ ଟ୍ରାକ୍ଟର ଓ ପାୱାରଟିଲରରେ ଚାଷ କରୁଛନ୍ତି। ଗ୍ରାମାଞ୍ଚଳରେ ପୂର୍ବରୁ 'ଅଖି ମୁଠି' ଦିନେ ବଳଦ ଯୋଡ଼ାଇ ଜମିରେ ପ୍ରଥମ ଚାଷ କରାଯାଉଥିଲା।

କିନ୍ତୁ ଆଜିର ଦିନରେ ବଳଦ ସଂଖ୍ୟା ଦିନକୁ ଦିନ କମୁଛି। କୃଷିବିଭାଗ ଓ ଚାଷୀମାନେ ନିମିଷ ପାଇଁ ବଳଦ ଖୋଜିବାକୁ ବାଧ ହେଉଛନ୍ତି। ଯାନ୍ତ୍ରିକ କୃଷି ବୃଦ୍ଧି ପାଇଥିଲେ ମଧ, ସମସ୍ତଙ୍କ ପାଖରେ ଟ୍ରାକ୍ଟର ସୁବିଧା ନଥିବାରୁ ଅନେକେ ଅସୁବିଧାରେ ପଡୁଛନ୍ତି। ଏହା ସହିତ, ଅପର୍ଯ୍ୟାପ୍ତ ବର୍ଷା ଓ ଜଳ ସଂରକ୍ଷଣ ବ୍ୟବସ୍ଥାର ଅଭାବ ଚାଷୀଙ୍କ ଦୁଃଖକୁ ଆହୁରି ବଢ଼ାଇଛି। ଅନେକ ଅଞ୍ଚଳରେ ଚାଷ ପାଇଁ ପାଣି ମିଳୁନଥିବାରୁ ଜମି ଅବ୍ୟବହୃତ ରହିଯାଉଛି। 'ଅଖି ମୁଠି' କେବଳ ଏକ ପରମ୍ପରା ରୂପେ ପାଳନ ହେଉଛି, କିନ୍ତୁ ଅନୁକୂଳ ଚାଷ ଆରମ୍ଭ ହେଉନାହିଁ।

ଚାଷ କାର୍ଯ୍ୟ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ଅବଦାନ ଯଥେଷ୍ଟ ରହିଥିଲେ ହେଁ ଏହି ଜିଲ୍ଲା ସଦା ଅବହେଳିତ। କାରଣ ଜିଲ୍ଲାରେ ଜଳସେଚନର ପର୍ଯ୍ୟପ୍ତ ସୁବିଧା ନାହିଁ। ଏହାର ସମାଧାନ ପାଇଁ ବିକଳ୍ପ ଚିନ୍ତା କରାଯାଉନି। ଏହା ସୁଧାରିବା ସରକାର ଓ ପ୍ରଶାସନର ପ୍ରଥମ କର୍ତ୍ତବ୍ୟ ହୋଇଥିଲେ ହେଁ ଏଥିପ୍ରତି ଧ୍ୟାନ ଦିଆଯାଉନଥିବା ଚାଷୀକୂଳ ଅଭିଯୋଗ କରିଛନ୍ତି। ଫଳରେ ବିଳମ୍ବରେ ଖରିଫ ଚାଷ ହେଉଛି। ଅନ୍ୟଜିଲ୍ଲା ତୁଳନାରେ ଗଞ୍ଜାମ ସଦା ପଛରେ ପଡ଼ିଯାଉଛି ବୋଲି ଅଗ୍ରଣୀ ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ଏଭଳି ସ୍ଥଳେ ସରକାରଙ୍କ ଦ୍ୱାରା ଅଖି ମୁଠି ଅନୁକୂଳ କାହା ସ୍ୱାର୍ଥରେ ବୋଲି ଚାଷୀ ନେତାମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ବା କୃଷକ ଦିବସ ବେଣାକୁନ୍ଦା, ଭଞ୍ଜନଗର ଠାରେ ସକାଳ ୮ ଘଟିକା ସମୟରେ ଅନୁଷ୍ଠିତ ହେବ। ଏଥିରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି।

### ● ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

## ଭାଲିଡେସନ ଆକ୍ଟ ପ୍ରତ୍ୟାହାର ଦାବି



ବ୍ରହ୍ମପୁର,୧୯ ।୪(ସମିସ): ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ କମିଟି ବୈଠକ ସଭାପତି ଡି.ମୋହନ ରାଓ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ରାଜ୍ୟ ସରକାରୀ ପେନସନର ମହାସଂଘ ଡ଼ାକରାରେ ଭାଲିଡେସନ ଆକ୍ଟ ପ୍ରତ୍ୟାହାର ସହ ୧୦ଦଫା ଦାବି ପୂରଣ ପାଇଁ ଜାତୀୟ ଦାବି ଦିବସ ପାଳନ ନେଇ ଏଠାରେ ପ୍ରସ୍ତୁତି କରାଯାଇଛି। ଜିଲ୍ଲା ସଂଘ ପକ୍ଷରୁ ଆସନ୍ତା ୨୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡ଼ିସିଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର ହୋଇଛି। ସେହିଭଳି ବିଭିନ୍ନ ବ୍ଲକରେ ମଧ ଏହି କାର୍ଯ୍ୟକ୍ରମ ହେବ ବୋଲି ଜଣାପଡ଼ିଛି। ବୈଠକରେ ରାଜ୍ୟ ସଂଗଠନର ଉପଦେଷ୍ଟା କେ. ନନ୍ଦେଶ୍ୱ ସେନାପତି, ଯୁଗ୍ମ ସମ୍ପାଦକ ମହର୍ଷି ସିଂହ, କୋଷାଧକ୍ଷ ନିରାକାର ସାବତ, ସହ ସମ୍ପାଦକ ଡି.ଗୁରୁମୂର୍ତ୍ତି ପାତ୍ର, ରାଙ୍ଗା ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ନାରାୟଣ ପାଣିଗ୍ରାହୀ, କୁମୁଦ ଚନ୍ଦ୍ର ବେହେରା, ନରସିଂହ ବେହେରା ପ୍ରମୁଖ ଉପସ୍ଥିତ ରହି ଦାବିଦିବସ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବରାଜ କୋଠିଆ, ଡି.ଶ୍ରୀନିବାସ ରାଓ, ରାଧାକୃଷ୍ଣ ପଣ୍ଡା, ସୋମନାଥ ପ୍ରଧାନ, ସୀମାଞ୍ଚଳ ପ୍ରଧାନ, କେ.ବିଜୟ ଚନ୍ଦ୍ର ଦାସ, ଖଲ୍ଲି ଜାନୀ, କାଳୁ ଚରଣ ଡାକୁଆ, ପ୍ରଫୁଲ୍ଲ ଚନ୍ଦ୍ର ପାଲି, ବୃନ୍ଦବାନ ବାରିକ, ଚରଣ ପରିଡା, ରହିମ ଖାଁ, ଡି.ଦଣ୍ଡପାଣି ରେଡ୍ଡୀ ଯୋଗ ଦେଇଥିଲେ।

## ବିଶ୍ୱ ଐତିହ୍ୟ ଦିବସରେ 'କୋଣାର୍କ ଆଖିରେ ଲୁହ' ମଞ୍ଚସ୍ଥ

ବ୍ରହ୍ମପୁର,୧୯ ।୪(ସମିସ): ପଞ୍ଚଜନ୍ୟ କଳା ପରିଷଦ ଆନୁକୂଲ୍ୟରେ 'ବିଶ୍ୱ ଐତିହ୍ୟ ଦିବସ' ପାଳନ ଅବସରରେ ଗଞ୍ଜାମ କଳା ପରିଷଦର କବିସୂର୍ଯ୍ୟ ରଙ୍ଗମଞ୍ଚରେ ନାଟ୍ୟକାର ଗିରିଜା ଶଙ୍କର ଦାଶଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ 'କୋଣାର୍କ ଆଖିରେ ଲୁହ' ମଞ୍ଚସ୍ଥ ହୋଇଛି। ଏହାକୁ ସହ ନିର୍ଦ୍ଦେଶନା ସନ୍ଦୀପ ପଟ୍ଟନାୟକ ଦେଇଥିବା ବେଳେ ଗୀତ ରଚନା ଓ ସ୍ୱର ସଂଯୋଜନା କରିଥିଲେ ତାପସ ପାଣିଗ୍ରାହୀ। ସଂଗୀତରେ ଅଂଶୁମାନ ଦାଶ, ଆଲୋକ ଅଶୋକ ଜେନା ଓ ଶବ୍ଦରେ କାଳିଆ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଇଂ ଅପୂର୍ବ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ଭବାନୀ ଶଙ୍କର ମିଶ୍ର, ଅତିଥି ରୂପେ ଶଙ୍କର୍ଷଣ ସାବତ ଯୋଗ ଦେଇଥିଲେ। ଏହି ଅବସରରେ ଡା. ତିରୁପତି ସାହୁ, ଡା.ରାଜେନ୍ଦ୍ର କୁମାର ବେହେରା, ଇଂ. ଆଶୁତୋଷ ପାତ୍ର, ଶିକ୍ଷାବିତ କାଳୀଚରଣ ସାହୁ



ଓ ନାଟ୍ୟକାର ନିତ୍ୟାନନ୍ଦ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଗିରିଜା ଶଙ୍କର ଦାଶଙ୍କ ରଚିତ ନାଟକ "ଶୂନ୍ୟ ମନ୍ଦିର' ଲୋକାର୍ପଣ ହୋଇଥିଲା। ତାପସ ପାଣିଗ୍ରାହୀ ଏବଂ ମିହିର କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ସୁନନ୍ଦା ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମ୍ବାଦିକ ସୁଦୀପ ସାହୁ ସଂଗୀତ ଗାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସିପିଏମ୍‌ର ଦକ୍ଷିଣାଞ୍ଚଳ କର୍ମଶାଳା ଉଦ୍‌ଯାପିତ



ବ୍ରହ୍ମପୁର,୧୯ ।୪(ସମିସ): ସିପିଏମ ପକ୍ଷରୁ ଆୟୋଜିତ ଦୁଇଦିନିଆ ଦକ୍ଷିଣାଞ୍ଚଳ କର୍ମଶାଳା ଉଦଯାପିତ ହୋଇଯାଇଛି। ଇଷ୍ଟକୋଷ୍ଟ ରେଳ ବାଇର ସୁରକ୍ଷା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ, ବେକାରୀଙ୍କୁ ନିଯୁକ୍ତି, ସ୍କୁଲଛାତ୍ରଙ୍କ ପାଠ୍ୟ ପୁସ୍ତକ, ମହିଳାଙ୍କ ସୁରକ୍ଷା, ଚାଷୀର ଧାନବିକ୍ରୀ, ଆଦିବାସୀଙ୍କ ଅଧିକାର ଓ ରାଜ୍ୟରେ କର୍ପୋରେଟ ଲୁଟ ବିରୋଧରେ ସମସ୍ତ ବାମ ଗଣତାନ୍ତ୍ରିକ ଶକ୍ତିଙ୍କୁ ନେଇ ବ୍ୟାପକ ଆନ୍ଦୋଳନ କରିବାକୁ ପାର୍ଟିର ଦୁଇଦିନିଆ କର୍ମଶାଳାରେ ନିଷ୍ପତ୍ତି ହୋଇଛି। କର୍ମଶାଳାରେ କେନ୍ଦ୍ର ସରକାରଙ୍କ ଅର୍ଥନୀତିକୁ ତୀବ୍ର ସମାଲୋଚନା କରାଯାଇଛି। ଏହି ଅର୍ଥନୀତି ଫଳରେ ଦେଶର କିଛି କମ୍ପାନୀ ଲାଭର ପାହାଡ଼ ସୃଷ୍ଟି କରିଛନ୍ତି। ଅନ୍ୟଦିଗରେ ବେକାରି ଅକାଶଛୁଆଁ ହୋଇଛି। ଶ୍ରମିକ ରୋଜଗାର ହରାଉଛନ୍ତି। ଦରବୃଦ୍ଧି ଓ ଦୁର୍ନୀତି ବ୍ୟାପକ ହେଉଛି। ଦେଶର ସାମ୍ବିଧାନିକ ବ୍ୟବସ୍ଥାଗୁଡ଼ିକୁ ସରକାର ନିୟନ୍ତ୍ରଣ କରିବାକୁ ଯୋଜନା କରୁଛନ୍ତି ବୋଲି ଏଠାରେ କୁହାଯାଇଛି। ସେହିଭଳି ରାଜ୍ୟର ବିଜେପି ସରକାର ସମସ୍ତ ସମ୍ପଦକୁ କମ୍ପାନୀ ହାତରେ ଟେକିଦେବା ଆରମ୍ଭ କରିଛନ୍ତି। ରାଜ୍ୟରେ ଆଦିବାସୀଙ୍କ ଅଧିକାର ଛଡ଼ାଇନେବା ପାଇଁ ଆଦିବାସୀଙ୍କୁ ଢାଲ କରାଯାଉଛି। ବିଜେପି ସରକାର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ରାଜ୍ୟର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଚାଲିଛି। ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ ଗଢ଼ି ତୋଳିବା କର୍ମଶାଳାରେ ଆହ୍ୱାନ ଦିଆଯାଇଛି। କର୍ମଶାଳରେ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୂର୍ବତନ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ପ୍ରମୁଖ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିର ଗଞ୍ଜାମ, ଗଜପତି, ରାୟଗଡା, ମାଲକାନଗିରି, କଳାହାଣ୍ଡି, ଓ ନବରଙ୍ଗପୁର ଜିଲ୍ଲାରୁ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

## ଶ୍ରଦ୍ଧା ସମର୍ପଣ କଳାକେନ୍ଦ୍ର ପକ୍ଷରୁ ଚିତ୍ରକଳା ଶିବିର



ବ୍ରହ୍ମପୁର,୧୯ ।୪(ସମିସ): ହିଲପାଟଣା ଗଣେଶ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧା ସମର୍ପଣ କଳା କ୍ଷେତ୍ରର ପକ୍ଷରୁ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଚିତ୍ର କଳାକାରଙ୍କ ଦ୍ୱାରା ଆଧୁନିକ ଓ ପାରମ୍ପରିକ ଚିତ୍ରକଳା ପ୍ରଦର୍ଶିତ ହୋଇଛି। ଗଞ୍ଜାମର ବିଶିଷ୍ଟ ଚିତ୍ରଶିଳ୍ପୀ ଉମା ଶଙ୍କର ଆଚାରୀ, ପୃଥ୍ୱୀରାଜ ମହାପାତ୍ର ଏବଂ ଜୟରାମ ମହାରଣା ଉପସ୍ଥିତ ରହି କଳାକ୍ଷେତ୍ରରେ ଅଗ୍ରସର ହେବାକୁ ଉପଦେଶ ଦେଇଥିଲେ। ଏଥିରେ ସୁରେଶ ମହାରଣା, ସତ୍ୟ ନାରାୟଣ ମହାରଣା, ବାବୁ ମହାରଣା, ଗୋପୀ ବେହେରା, ସୁରଜ୍ ପାଳ, ଆକାଶ, ରାଜ କୁମାର, ହେମ ସୁନ୍ଦର, ସୁନିଲକାନ୍ତ ମଲ୍ଲିକ, ସୁରେଶ ପ୍ରମୁଖ ସାମିଲ ଥିଲେ।

## ଜିଲ୍ଲା ଲେଖକ, ଲେଖିକା ସାମ୍ମୁଖ୍ୟର 'ବୈଶାଖୀ ଆସର'



ବ୍ରହ୍ମପୁର,୧୯ ।୪(ସମିସ): ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ଲେଖିକା ସାମ୍ମୁଖ୍ୟର ବୈଶାଖୀ ସାହିତ୍ୟ ଆସର ଅବସରରେ କବି ଲେଖକ ମାନେ ହିଁ ଆମ ଭାଷା ସାହିତ୍ୟ ଓ ଅସ୍ମିତାର ଯଥାର୍ଥରେ ଉତ୍ତରଦାୟାଦ ଓ ଅଗ୍ରଦୂତ ଏବଂ ସେମାନଙ୍କ ନିଷ୍ଠାପର ସାରସ୍ୱତ ସାଧନା ଭାଷା, ସାହିତ୍ୟ, କଳା, ସଂସ୍କୃତି ସର୍ବୋପରି ଆମ ସମାଜକୁ ମାର୍ଜିତ ଓ ସମୃଦ୍ଧ କରିଥାଏ ବୋଲି ମଞ୍ଚାସୀନ ଅତିଥି ମତବ୍ୟକ୍ତ କରିଥିଲେ। ଲେଖକ ସାମ୍ମୁଖ୍ୟ ସଭାପତି ହାଡ଼ିବନ୍ଧୁ ମାଳିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଡ଼. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ହାରିତସ, ଲେଖିକା ସାମ୍ମୁଖ୍ୟ ସାଧାରଣ ସମ୍ପାଦିକା ଆରତୀ ଶତପଥୀ, ଲେଖକ ସାମ୍ମୁଖ୍ୟ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟଅତିଥି କହିଥିଲେ, ଆମ ଭାଷାଭିତ୍ତିକ ରାଜ୍ୟ ଗଠନରେ ବରେଣ୍ୟ ବରପୁତ୍ରମାନଙ୍କର ଅବଦାନ ଏବଂ ଆମ ଭାଷାର ଶାସ୍ତ୍ରୀୟ ମାନ୍ୟତାରେ ସେମାନଙ୍କ ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦିକା କବୟିତ୍ରୀ ଆରତୀ ଶତପଥୀଙ୍କ ସମେତ, ପଦ୍ମଚରଣ ପଟ୍ଟନାୟକ, ବିରୁପାକ୍ଷ ଦାଶ, ଭିକାରୀ ମହାପାତ୍ର, ଇଂ. ଆଶୁତୋଷ ପାତ୍ର, ପଣ୍ଡିତ ଚନ୍ଦ୍ରଶେଖର ମହାପାତ୍ର, ବଂଶୀଧର ସେଠୀ ପ୍ରମୁଖ କବିତା ପାଠ କରିଥିଲେ।

## ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ସମାରୋହ



ବ୍ରହ୍ମପୁର,୧୯ ।୪(ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ଇତିହାସ ବିଭାଗ ଆନୁକୂଲ୍ୟରେ ବିଦାୟ ସମ୍ବର୍ଦ୍ଧନା ସମାରୋହ ଆୟୋଜି ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡକ୍ଟର୍ କୁଳମଣି ଓଝା କହିଲେ ଯେ, ଇତିହାସର ଆଇନାରେ ବର୍ତ୍ତମାନକୁ ମହିମା ମଣ୍ଡିତ କରାଯିବା ଦରକାର। ଇତିହାସରୁ ଜାତି ଶକ୍ତି ସଞ୍ଚୟ କରେ। ଇତିହାସ ମଧ ଜାତିକୁ ସଠିକ୍ ମାର୍ଗଦର୍ଶନ କରାଇଥାଏ। ମହାବିଦ୍ୟାଳୟ ଅଧକ୍ଷ ତଥା ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡକ୍ଟର୍ ଦେବରାଜ ସ୍ୱାଇଁ ଏହି ସମାରୋହରେ ପୌରୋହିତ୍ୟ କରିଥିଲେ। ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟା ଡକ୍ଟର୍ ଶିବାନୀ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଭାଗର ଅତିଥି ଅଧାପିକା ଡ. ରୋଜାଲିନ୍ ଷଡ଼ଙ୍ଗୀ, ଅତିଥି ଅଧାପକ ନୀଳାଞ୍ଚଳ ବେହେରା, ଅତିଥି ଅଧାପକ ଟି. ଗଣେଶ ଓ ଅତିଥି ଅଧାପିକା ଶ୍ରୀୟା ସଂଜୀବନୀ ପାତ୍ର ପ୍ରମୁଖ ଆଶୀର୍ବଚନ ପ୍ରଦାନ ପୂର୍ବକ ବିଦାୟୀ ଛାତ୍ରଛାତ୍ରୀଙ୍କ ଜୀବନର ଉତ୍ତରୋତ୍ତର ସମୃଦ୍ଧି କାମନା କରିଥିଲେ। ଶେଷରେ ଅଧାପକ ଟି. ଗଣେଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧାପିକା ଶ୍ରୀୟା ସଂଜୀବନୀ ପାତ୍ରଙ୍କ ତତ୍ତ୍ୱାବଧାନରେ ବିଭାଗୀୟ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ● ଜିଲ୍ଲାସ୍ତରୀୟ ସିଏମ୍ କପ-୨୦୨୬

## ଡିଏଭି ପବ୍ଲିକ୍ ସ୍କୁଲ, ବାରାକ୍ ଗୋଲ୍ଡ ଏଫ୍‌ସି ବିଜୟୀ

ବ୍ରହ୍ମପୁର,୧୯ ।୪(ସମିସ): ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ସିଏମ୍ କପ-୨୦୨୬ ପରିପ୍ରେକ୍ଷୀରେ ଆଜି ଫୁଟବଲ ଖେଳର ପ୍ରଥମ ମ୍ୟାଚ ଓଏଭି ସିଦ୍ଧେଶ୍ୱର ସ୍କୁଲ ବାଳକ ଦଳ ଓ ଡ଼ିଏଭି ପବ୍ଲିକ ସ୍କୁଲ ବାଳକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡ଼ିଏଭି ପବ୍ଲିକ ସ୍କୁଲ ୬-୦ ଗୋଲରେ ବିଜୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ ଖେମୁଣ୍ଡି ଏଫ୍‌ସି ଦଳ ଓ ବାରକ୍ ଗୋଲଡ଼ ଏଫ୍‌ସି ମଧ୍ୟରେ ଖେଳା ଯାଇଥିଲା। ବାରକ୍ ଗୋଲଡ଼ ଏଫ୍‌ସି ଦଳ ୧୦-୦ ଗୋଲରେ ବିଜୟ ହାସଲ କରିଥିଲା। ପ୍ରଥମ ମ୍ୟାଚରେ ଅତିଥି ଭାବେ ଏନ୍‌ଆଇଏସ୍ ଆଥଲେଟିକ ପ୍ରଶିକ୍ଷକ ଶଙ୍କର ପାତ୍ର ଏବଂ ଦ୍ୱିତୀୟ ମ୍ୟାଚରେ ପୂର୍ବତନ ଫୁଟବଲ୍ ଖେଳାଳି ସି.ଏଚ୍ ପ୍ରଭାକର ରାଓ, ଏନ. ଭାସ୍କର ରାଓ, ଶିବଶଙ୍କର ପଣ୍ଡା ଜାତୀୟ ଫୁଟବଲ ରେଫରି ଏଥି ସହ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି. ଏମ. ବାବୁ, ସୀତାରାମ ୱେବ୍ରତ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ଅନ୍ୟାନ୍ୟ



ସଦସ୍ୟ ଓ ପୂର୍ବତନ ଖେଳାଳି ମାନେ ମଧ ଉପସ୍ଥିତ ଥିଲେ। ରେଫ୍ରି ବିଚିତ୍ର ଜେନା ଓ ସହଯୋଗୀ ୱାଇ. ପୂର୍ଣ୍ଣଚନ୍ଦ୍ର ରାଓ, ପି. ରମେଶ, ଭିନସେଣ୍ଟ ଦାସ ଏବଂ ମ୍ୟାଚ କମିସନର ସୁଜିତ କୁମାର ପାତ୍ର ମ୍ୟାଚ ପରିଚାଳନା କରିଥିଲେ।

### ● ୨ ପରିବାର ଗଣ୍ଡଗୋଳରୁ ହତ୍ୟା ଘଟଣା

## ରେଡ଼ିକା ସାହିରେ ଉତ୍ତେଜନା

ବ୍ରହ୍ମପୁର,୧୯।୪(ସମିସ): ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଉତ୍ତରାମୁଖୀ ରେଡ଼ିକା ସାହିରେ କେ. ଭଗବାନ ରେଡ୍ଡୀଙ୍କୁ ହତ୍ୟା ମାମଲାର ତଦନ୍ତ ଜାରି ରହିଛି। ପୁଲିସ ଏହି ମାମଲାରେ ରେଡିକା ସାହିର କେ. ଲିଙ୍ଗା ରେଡ୍ଡୀ ଓ ତାଙ୍କ ପତ୍ନୀ ଲକ୍ଷ୍ମୀଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଛି। ହେଲେ ଏହି ହତ୍ୟା ମାମଲାରେ ଗୋସାଇଁନୂଆଗାଁର କିଛି ଯୁବକ ସାମିଲ ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ସେହିକ୍ରମରେ ପୁଲିସ ସଂପୃକ୍ତ ଯୁବକଙ୍କୁ ଚିହ୍ନଟ କରି କାବୁ କରିବାକୁ ଚଢ଼ଉ ଜାରି ରଖିଛି। ଏପଟେ ଘଟଣାକୁ ନେଇ ଗତ ୩ ଦିନ ହେବ ସାହିରେ ଉତ୍ତେଜନା ଲାଗିରହିଛି। ଗତକାଲି ରାତିରେ ଅଭିଯୁକ୍ତଙ୍କ ଘରେ ନିଆଁ ଲାଗି ସମସ୍ତ ସାମଗ୍ରୀ ପୋଡ଼ିଯାଇଛି। ଲିଙ୍ଗା ଓ ଲକ୍ଷ୍ମୀ ଜେଲରେ ଥିବା ବେଳେ ତାଙ୍କ ମାଆ ଓ ଝିଅକୁ ଉଦ୍ଧାର କରି ପ୍ରଶାସନ ଆଶ୍ରୟ ସ୍ଥଳରେ ରଖିଛି। ଏଭଳି ସ୍ଥିତିରେ ଲିଙ୍ଗାଙ୍କ ବନ୍ଦ ଘର ଭିତରେ ନିଆଁ କିଭଳି ଲାଗିଲା ତାକୁ ନେଇ ପ୍ରଶ୍ନ ଉଠିଛି। ପ୍ରକାଶଥାଉକି, ଲିଙ୍ଗା ଓ ତାଙ୍କ ପତ୍ନୀ ନିଜ ବୃଦ୍ଧା ମା' ପାରୁ ରେଡ୍ଡୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏହାକୁ ଲିଙ୍ଗାଙ୍କ ପଡୋଶୀ କେ. ଭଗବାନ ରେଡି ବିରୋଧ କରୁଥିଲେ। ଘଟଣାକୁ ନେଇ ଉଭୟ ପରିବାର ମଧ କଳହ ଲାଗି ରହିଥିଲା। ପ୍ରତିଶୋଧ ପରାୟଣ ହୋଇ ଲିଙ୍ଗା ନିଜ ସହଯୋଗୀଙ୍କ ଜରିଆରେ ଗୁରୁବାର କେ. ଭଗବାନଙ୍କୁ ଛୁରିରେ ଆକ୍ରମଣ କରି ହତ୍ୟା କରିଥିଲେ।

### ଶ୍ରମିକ ଆନ୍ଦୋଳନ ସ୍ଥଗିତ

## ୧୦ ଦିନର ମହଲତ ନେଲା ଗଞ୍ଜାମ ଚାମ୍ବର ଅଫ୍ କମର୍ସ

ବ୍ରହ୍ମପୁର,୧୯ ।୪(ସମିସ)

ମଜୁରି ପ୍ରାପ୍ୟ ଶତକଡ଼ା ୪୦ ପ୍ରତିଶତ ବୃଦ୍ଧି ଦାବିରେ ଅଟଳ ଶ୍ରମିକ ମହାସଂଘର ଆନ୍ଦୋଳନ ସାମୟିକ ଭାବେ ସ୍ଥଗିତ ରହିଛି। ଫଳରେ ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳୀ ବ୍ରହ୍ମପୁର ବଡ଼ବଜାରରେ ସ୍ୱାଭାବିକ ଅବସ୍ଥା ଫେରିଛି। ଖଲାସି, ପଟ୍ଟାରିକ୍ସା ଓ ମାଲବାହୀ ଅଟୋରିକ୍ସା ଶ୍ରମିକମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବ ନିର୍ଦ୍ଧାରିତ ମଜୁରି ଠାରୁ ଶତକଡ଼ା ୪୦ପ୍ରତିଶତ ଅଧିକ ଦାବି କରି ଶ୍ରମିକ ମହାସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ଯଦ୍ୱାରା ଗତକାଲି କାରବାର ସହିତ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଆଜି ଗଞ୍ଜାମ ଚାମ୍ବର ଅଫ୍ କମର୍ସ ପକ୍ଷରୁ

**● ମହାସଂଘ ଓ ଗଞ୍ଜାମ ଚାମ୍ବର ଅଫ କମର୍ସ ମଧ୍ୟରେ ସମନ୍ୱୟ ବୈଠକ ସଫଳ**

**● ଶ୍ରମିକ ଦିବସରେ ନୂଆ ମଜୁରି ଘୋଷଣା ନେଇ ଆଶାବାଦୀ ମହାସଂଘ**

ଶ୍ରମିକ ମହାସଂଘର କର୍ମକର୍ତ୍ତା ଓ ବିଭିନ୍ନ ବ୍ୟବସାୟିକ ସଂଘର କର୍ମକର୍ତ୍ତାଙ୍କ ସହ



ବିସ୍ତୃତ ଆଲୋଚନା ପରେ ମହାସଂଘର ଦାବି ପୂରଣ ପାଇଁ ୧୦ଦିନର ମହଲତ ନିଆଯାଇଛି। ୧୦ଦିନ ମଧ୍ୟରେ ତଥା ୩୦ ତାରିଖ ସୁଦ୍ଧା ଶ୍ରମିକ ମହାସଂଘର ଦାବି ସମ୍ପର୍କିତ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଯାହାକୁ ନେଇ ଗଞ୍ଜାମ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଶ୍ରମିକ ମହାସଂଘକୁ ଆନ୍ଦୋଳନ ସ୍ଥଗିତ ରଖିବାକୁ ନିବେଦନ କରାଯାଇଥିଲା। ଫଳ ସ୍ୱରୁପ ଆସନ୍ତା ମେ' ପହିଲା ଶ୍ରମିକ ଦିବସରେ ଶ୍ରମିକଙ୍କ ଦାବି ନେଇ ଚୂଡ଼ାନ୍ତ ନିଷ୍ପତ୍ତି ସହ ଘୋଷଣା କରାଯିବ ବୋଲି ମହାସଂଘ ଆଶାବାଦୀ ରହିଛି। ଆଲୋଚନାରେ ମହାସଂଘର ସଭାପତି ପ୍ରଦୀପ ପଣ୍ଡାଙ୍କ ସମେତ ଚାମ୍ବର ଅଫ କମର୍ସର ସମ୍ପାଦକ ସନ୍ତୋଷ କୁମାର, ଓଡିଶା ବ୍ୟବସାୟୀ ସଂଘ ସଭାପତି ସି. ରବୀନ୍ଦ୍ର ନାଥ ଓ ଯୁଗ୍ମ ସମ୍ପାଦକ ଟି. ରାହୁଲ ଓ ଅନ୍ୟ କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଟ୍ରକ୍ ଧକ୍କାରେ ଯୁବକ ମୃତ

କବିସୂର୍ଯ୍ୟନଗର,୧୯ ।୪(ସମିସ): କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣାରେ ରବିବାର ସକାଳେ ଏକ ଟ୍ରକ୍ ଧକ୍କା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ରାଜ କୁମାର ସେଠୀ(୨୦)। ଦୁର୍ଘଟଣା ପରେ ଟକ୍ ଚାଳକ ଚମ୍ପଟ ମାରିଛି। ପୁଲିସ ଟ୍ରକ୍ ପିଛା କରିଥିଲେ ସୁଦ୍ଧା ଧରିବାରେ ବିଫଳ ହୋଇଛି। ରବିବାର ସକାଳ ପ୍ରାୟ ୬ଟାରେ ଆଠଗଡ଼ପାଟଣା ଧୋବା ସାହିର ରାଜ କୁମାର ସେଠୀ ତାଙ୍କ ମା'ସହ ପ୍ରାତଃ ଭ୍ରମଣରେ ଯାଇଥିଲେ। ଦୁହେଁ ଆଠଗଡ଼ପାଟଣାରୁ ନୟାରା ପେଟ୍ରୋଲ ପମ୍ପ ଆଡକୁ ଆସୁଥିବା ବେଳେ ଆଠଗଡ଼ପାଟଣା ଆଡୁ ଆସୁଥିବା ଏକ ଟାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ କବିସୂର୍ଯ୍ୟନଗର ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ରାଜ ପୋଲସରା ଭାବରଡ଼ା ପୋଷ୍ଟ ଅଫିସରେ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟରତ ଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସାନଖେମୁଣ୍ଡି,୧୯ ।୪(ସମିସ): ପାଟପୁର ଥାନା ନିଷ୍ଡିପୁର ମାର୍କଣ୍ଡେଶ୍ୱର ପାହାଡ଼ ଆନ୍ଧ୍ରଭାଟି ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୁବକ ଜଣକ ଗଛରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଛତିଶଗଡ଼ର ଶିବା କେୱଟ(୧୯)। ପୁଲିସ ଶବ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପାରିବାରିକ କଳହରୁ ଯୁବକ ଜଣକ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ସ୍କୁଲ ଗାଡ଼ି ଓଲଟି ୧୦ ଛାତ୍ରଛାତ୍ରୀ ଆହତ

ଚିକିଟି,୧୯ ।୪(ସମିସ): ଶନିବାର ସକାଳେ ପିତାତଳି ଆଦର୍ଶ ବିଦ୍ୟାଳୟକୁ ନୂଆପଡା ଅଞ୍ଚଳର ବିଦ୍ୟାର୍ଥୀଙ୍କୁ ନେଇ ଯାଉଥିବା ଏକ ସ୍କୁଲ୍ ଭ୍ୟାନ ଚିକିଟିଗଡ଼ ଇଲେକ୍ଟ୍ରି ଅଫିସ ନିକଟରେ ଓଲଟି ପଡିଥିଲା। ଫଳରେ ୧୦ ବିଦ୍ୟାର୍ଥୀଙ୍କ ସମେତ ଚାଳକ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗାଡି ଚାଲୁଥିବା ବେଳେ ଚାଳକଙ୍କ ଆଖି ପଡିଯିବାରୁ ଦୁର୍ଘଟଣା ଘଟିଲା ବୋଲି ଚାଳକ କହିଛନ୍ତି। ଧାନଘର ଫାଣ୍ଡି ଅଧିକାରୀ ଗୌତମ ସାହୁ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ଦୁର୍ଘଟଣା ର କାରଣ ଓ ଅନ୍ୟାନ୍ୟ ଦିଗକୁ ନେଇ ତଦନ୍ତ ଜାରି ରଖିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ କୃଷ୍ଣସାର ମୃତ

ଆସିକା,୧୯ ।୪(ସମିସ): ଦକ୍ଷିଣ ଘୁମୁସର ଆସିକା ବନାଞ୍ଚଳର ଭେଟନଇ -ବାଲିପଦର ରାସ୍ତାରେ ରବିବାର ଅଜଣା ଗାଡ଼ି ଧକ୍କାରେ ଗୋଟିଏ କୃଷ୍ଣସାର ମୃଗର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଗୋଟିଏ ଆହତ ହୋଇଛି। ରବିବାର ଅପରାହ୍ନରେ ଆସିକା-ବାଲିପଦର ରାସ୍ତାର ଭେଟନଇ ନିକଟ ବଡ଼ଶଙ୍ଖ ନିକଟରେ ରାସ୍ତା ପାର ହେଉଥିବା ବେଳେ ଆସିକାରୁ ବୁଗୁଡ଼ା ପଟେ ଯାଉଥିବା ଅଜଣା ଗାଡ଼ି ଧକ୍କା ଦେଇ ଚାଲିଗଲା। ଫଳରେ ସେଠାରେ ହିଁ ଏକ ଅଣ୍ଡିରା ମୃଗର ମୃତ୍ୟୁ ହୋଇଥିଲା। ଠିକ ଏହାର ଏକ ଘଣ୍ଟା ପରେ ଭେଟନଇ-ବଦଖୋଲି ମଝିରେ ପୁଣି ଏକ ମାଈ ମୃଗ ବାଇକ୍ ଧକ୍କାରେ ଗୁରୁତର ହୋଇଥିଲା। ଗ୍ରାମବାସୀ ଏବଂ ବନ ସୁରକ୍ଷା ସମିତିର ସଦସ୍ୟ ପହଞ୍ଚି ମୃଗଟିକୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

## ଗୋରୁ ଚାଲାଣ ବେଳେ ଟ୍ରକ୍ ଜବତ; ୨ ଗିରଫ

ବୁଗୁଡା,୧୯ ।୪(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ବିରଞ୍ଚିପୁର ଗାଁ ଛକରେ ଶନିବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ପୁଲିସ ଗୋରୁ ଚାଲଣ ଟ୍ରକ୍ ସହ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମକରାପଲ୍ଲୀ ଗ୍ରାମର ଭୀମସେନ ନାଇକ (୨୮) ଓ ବିଷ୍ଣୁ ନାଇକ (୨୭)। ଏନେଇ ପୁଲିସ ଏଏସ୍‌ଆଇ ରାଜକୁମାର ମହାପାତ୍ରଙ୍କ ଅଭିଯୋଗ କ୍ରମେ କେସ୍‌ନଂ-୧୯୩/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି। ଶନିବାର ବିଳମ୍ବିତ ରାତିରେ ମକରାପଲ୍ଲୀ ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ବେଆଇନ ଗୋଚାଲାଣ ହେଉଥିଲା। ପାଟ୍ରୋଲିଂ ସମୟରେ ଗାଈ ବୋଝେଇ ଗାଡିନଂ(ଓଡି-୦୨-ଏଏଚ୍ -୭୩୬୮)ଟି ବିରଞ୍ଚିପୁର ଛକରେ ପୁଲିସ ହାବୁଡ଼ରେ ପଡିଥିଲା। ପୁଲିସ ଗାଡି ଓ ଗୋରୁ ବୋଝେଇ ଟ୍ରକ୍ ଜବତ କରିବା ସହ ଗୋଚାଲାଣକାରୀ ଦୁହିଁଙ୍କୁ ଗିରଫ କରିଥିଲା। ପୁଲିସ ଜବତ ଗାଈ ଦୁଇଟିକୁ କରଚୁଲି ଗ୍ରାମସ୍ଥ ଗୋଶାଳାକୁ ପଠାଇଥିବାବେଳେ ଘଟଣାର ତଦନ୍ତ ଦାୟିତ୍ୱରେ ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁ ରହିଥିବା ଜଣାଯାଇଛି।

## ଯୁବକଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ

ବୁଗୁଡା,୧୯ ।୪(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମରେ ଜନୈକ ଯୁବକଙ୍କୁ ମିଳିତ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୁଲିସ ୨ ଜଣ ନାବାଳକଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋଲିଆ ଗ୍ରାମର ସନ୍ୟାସୀ ପୋଲେଇ (୨୪), ଜୟସେନ ଜେନା (୨୧) ଓ ରାଜା ଜେନା (୧୮)। ଆକ୍ରମଣରେ ଆହତ ହୋଇଥିବା ଯୁବକ ନାରାୟଣ ପ୍ରଧାନ(୨୫)ଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ। ଗତ ମେରୁ ସଂକ୍ରାନ୍ତି ଦିନ ଅପରାହ୍ନରେ ନାରାୟଣ ଗୋଲିଆ ଗାଁ ଛକରୁ ଘରକୁ ଯାଉଥିବା ବେଳେ ସାମନା ପଟୁ ସନ୍ୟାସୀ ବାଇକରେ ଆସି ଘସି ହୋଇଯାଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ଏବଂ ପର ମୁହୂର୍ତ୍ତରେ ଦୁଇ ନାବାଳକଙ୍କ ସମେତ ପାଞ୍ଚ ଜଣ ମିଳିତ ଭାବେ ନାରାୟଣଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ନାରାୟଣ ଗୁରୁତର ହୋଇଥିଲେ। ଏହି ମାମଲାର ତଦନ୍ତ ଦାୟିତ୍ୱରେ ଏଏସଆଇ ସୁମନ୍ତ କୁମାର ବେହେରା ରହିଥିବା ବେଳେ ଗିରଫ ନାବାଳକ ଦ୍ୱୟଙ୍କୁ ଛତ୍ରପୁର ଜୁଭେନାଇଲ କୋର୍ଟକୁ ପଠାଯାଇଥିବା ବେଳେ ଅନ୍ୟ ତିନି ସାବାଳକଙ୍କୁ କୋର୍ଟଚାଲାଣ କରାଯାଇଛି।

**ଅପହରଣକୁ ବିତିଲା ୪ଦିନ; ହାତବାନ୍ଧି ବସିଛି ପୁଲିସ**

# ଭୟ ଓ ଆଶଙ୍କାରେ ବ୍ୟବସାୟୀ ସୁଧୀରଙ୍କ ପରିବାର

ବ୍ରହ୍ମପୁର,୧୯ ।୪(ସମିସ)

ଅପହରଣକୁ ବିତିଲାଣି ୪ ଦିନ। ଗୋପାଳପୁର ଥାନା ଅଞ୍ଚଳରେ ଅପହୃତ ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ରଙ୍କର ଆଜି ପର୍ଯ୍ୟନ୍ତ ବି ପତ୍ତା ପାଉନି ପୁଲିସ। ଏହା ଭିତରେ ପୋଲସରାରେ ସମ୍ପର୍କୀୟ ଭାଇକୁ ଅପହରଣ ପରେ ହତ୍ୟା ଘଟଣା ଆଜି ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇଦେଇଥିବାବେଳେ ସୁଧୀରଙ୍କ ପରିବାର ଭୟ ଓ ଆଶଙ୍କାରେ କାଳାତିପାତ କରୁଛନ୍ତି। ପୁଲିସ କେବଳ ସ୍ୱତନ୍ତ୍ର ଟିମ ଗଠନ କରି ଚୁପ୍ ବସିଥିବା ଅଭିଯୋଗ ହୋଇଛି। ଅପହରଣକାରୀ କିମ୍ବା ପୁଲିସ ପକ୍ଷରୁ କୌଣସି ସୂଚନା ଆସୁନଥିବାବେଳେ ଅପହୃତ ସୁଧୀର ଜୀବିତ ନାଁ ମୃତ ଏହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଅପରେସନ 'ଖୋଜ୍' ଓ 'ସନ୍ଧାନ' ଭଳି ଦୁଇ ଦୁଇଟି ବଡ଼ ଧରଣର ଅପରେସନ ଜରିଆରେ ବହୁ ଅପରାଧୀଙ୍କୁ ପୁଲିସ ଗିରଫ କରିବା ସହ ସେମାନଙ୍କ ଠାରୁ ବିପୁଳ ପରିମାଣର ମାଉଜର ଓ ବନ୍ଧୁକ ସହିତ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରିଥିଲା। ଏହା ସତ୍ତ୍ୱେ ଉଭୟ ପୁଲିସ ଜିଲ୍ଲାରେ ବେନିୟମ ଭାବେ ବନ୍ଧୁକ କାରବାର ଚାଲିଛି। ଗୋପାଳପୁର ଥାନା ଇଲାକାରୁ ସୁଧୀର ପାତ୍ରଙ୍କୁ ବନ୍ଧୁକ ମୁନରେ ଅପହରଣ ପରେ ଗତକାଲି ପୁଣି ଗଞ୍ଜାମ ଜିଲ୍ଲାର ପୋଲସରା ଥାନା ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମଠାରେ ରାଜଦୀପ ସାହୁ ନାମକ ଜଣେ ଯୁବକଙ୍କୁ ଅପହରଣ ପରେ ହତ୍ୟା କରାଯାଇଛି। ଗତ ଗୁରୁବାରଠାରୁ ରାଜଦୀପ ନିଖୋଜ ଥିବା ବେଳେ ଶନିବାର ତାଙ୍କ ଶବ ଦାରିଙ୍ଗବାଡ଼ି ବଡ଼ଘାଟିରୁ ମିଳିଥିଲା।

ଏଭଳି ସ୍ଥିତିରେ ଗୋପାଳପୁର ଥାନା ଇଲାକାରେ ପ୍ଲଟ ବ୍ୟବସାୟୀ ସୁଧୀରଙ୍କୁ ବନ୍ଧୁକ ମୁନରେ ଅପହରଣ ଘଟଣାକୁ ୯୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଛି। ବିଚ୍ ରାସ୍ତାରୁ ବନ୍ଧୁକ ମୁନରେ ଉଠାଇ ନେଇ ଅମାନୁଷିକ ନିର୍ଯାତନା ଦିଆଯାଉଥିବାବେଳେ ଅପହର୍ତ୍ତାମାନେ ଏହାର ଭିଡିଓ ତାଙ୍କ ପରିବାର ଲୋକଙ୍କୁ ପଠାଇ ଭୟଭୀତ କରିବା



- ସୁଧୀରଙ୍କ ପତ୍ତା ମିଳିନଥିବା ବେଳେ ପୋଲସରାରେ ପୁଣି ଅପହରଣ ପରେ ହତ୍ୟା
- ଅପରାଧୀଙ୍କୁ ଚିହ୍ନଟ ପାଇଁ ଚାଲିଛି ପ୍ରୟାସ: ଏସ୍‌ଡିପିଓ
- ଅଘଟଣ ଘଟିଲେ ପୁଲିସ ଉପରୁ ତୁଟିଯିବ ଲୋକଙ୍କ ଆସ୍ଥା: ପରିବାର ବର୍ଗ

ସହିତ ପୁଲିସକୁ ଦେଇଛନ୍ତି ଖୋଲା ଚାଲେଞ୍ଜ। ତଥାପି ପୁଲିସ ସାଜିଛି ନିରବଦ୍ରଷ୍ଟା। ଘଟଣାର ୪ଦିନ ପରେ ମଧ୍ୟ ସୁଧୀରଙ୍କ ସମ୍ପର୍କରେ ସୁରାକ ପାଇବା ତ ଦୂରର କଥା ଅପରାଧୀ କିଏ ସେନେଇ ମଧ୍ୟ ସୁରାକ ପାଉନାହିଁ।

୨କୋଟି ଟଙ୍କା ପାଇଁ ସୁଧୀରଙ୍କୁ ମୁଣ୍ଡ ଜାମିନ ରଖାଯାଇଥିବା ବେଳେ ପରିବାର ଲୋକେ ଆତଙ୍କିତ ଓ ଆଶଙ୍କା ଭିତରେ ଦିନ ଗଣୁଛନ୍ତି। ସେପଟେ ଅପହର୍ତ୍ତାଙ୍କ ମୋବାଇଲ ବନ୍ଦ ସହିତ ସେମାନଙ୍କ ପକ୍ଷରୁ ମଧ୍ୟ କୌଣସି ସୂଚନା ବା ଦାବି କରାନଯିବା ଉଭୟ ପୁଲିସ ଓ ସୁଧୀରଙ୍କ ପରିବାର ଲୋକଙ୍କ ଚିନ୍ତା ବଢ଼ାଇଛି। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକଙ୍କ ଅନୁପସ୍ଥିତିରେ ବ୍ରହ୍ମପୁର ଦାୟିତ୍ୱରେ ଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ବରିଷ୍ଠ ତଥା ବଛାବଛା ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ନିଖୋଜ ସୁଧୀରଙ୍କ ମୋବାଇଲର କଲ୍ ଡିଟେଲ୍ସ ବା ସିଡିଆର ବାହାର କରି ଗତ ୧୦ରୁ ୧୫ଦିନ ମଧ୍ୟରେ ଆସିଥିବା କଲ ତାଲିକା ଆଧାରରେ ଏକାଧିକ ବ୍ୟକ୍ତିଙ୍କୁ ପୁଲିସ ଜେରା କରୁଛି। ଏସଂକ୍ରାନ୍ତରେ ପୁଲିସ ପକ୍ଷରୁ କିଛି ସୂଚନା ମିଳୁନଥିବା ବେଳେ ଅପହୃତ ସୁଧୀରଙ୍କ ପରିବାରକୁ ମଧ୍ୟ କିଛି ସୂଚନା ଦେବାକୁ ପୁଲିସ ସ୍ପଷ୍ଟ ମନା କରିଦେଇଛି। ଅପହରଣ ପାଇଁ ତୃତୀୟ ପକ୍ଷଙ୍କ ସହ ୫୦ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ନେଇ ଆଲୋଚନା ଜୋର ଧରିଥିବା ବେଳେ ଏହା ପଛରେ କାହାର ହାତ ରହିଛି ତାକୁ ନେଇ ସଂଶୟ ସୃଷ୍ଟି ହୋଇଛି।

ସମ୍ପୃକ୍ତ ବ୍ୟକ୍ତି ଜଣକ ବର୍ତ୍ତମାନ କେଉଁଠି ଅଛନ୍ତି ଓ ତାଙ୍କର କାର୍ଯ୍ୟକଳାପ କଣ ରହିଛି ତାହା ଉପରେ ମଧ୍ୟ ପୁଲିସ ତଦନ୍ତ କରିବା ଜରୁରୀ ବୋଲି ସୁଧୀରଙ୍କ ପରିବାର ଓ ବନ୍ଧୁବର୍ଗଙ୍କ ମଧ୍ୟରେ ଆଲୋଚନା ହେଉଥିବା ଜଣାପଡ଼ିଛି। ତେବେ ଦିନ ଗଡିବା ସହିତ ସୁଧୀରଙ୍କ ସମ୍ପର୍କରେ କୌଣସି ସୂଚନା ନମିଳିବା ପରିବାର ଲୋକଙ୍କ ଚିନ୍ତା ବଢ଼ାଉଥିବାବେଳେ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା କହିଛନ୍ତି ସଦର ଏସ୍‌ଡିପିଓ ସୁଧାଂଶୁ ଶେଖର ପରିଡ଼ା। ଅପହରଣ ଘଟଣାର ୪ଦିନ ବିତି ଯାଇଥିବା ବେଳେ କୌଣସି ସ୍ପଷ୍ଟ ସୂଚନା ମିଳୁନଥିବା ବେଳେ ଯଦି ସୁଧୀରଙ୍କର କିଛି ହୁଏ ତେବେ ଏଥିପାଇଁ ପୁଲିସର ଅବହେଳାକୁ ହିଁ ଦାୟୀ କରାଯିବ ବୋଲି ସାଧାରଣରେ ଆଲୋଚନା ହେଉଛି।

**ରୋଷେଇ ବେଳେ ଦୁର୍ଘଟଣା**

## ଗ୍ୟାସ୍ ଟାଙ୍କି ବିସ୍ଫୋରଣ; ଜଳିଗଲା ୩ ଘର

ଦିଗପହଣ୍ଡି,୧୯।୪(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ଦଳିତସାହିରେ ରବିବାର ସନ୍ଧ୍ୟାରେ ଘଟିଥିଲା ଅଭାବନୀୟ ଘଟଣା। ହଠାତ୍ କେହି କିଛି ବୁଝିବା ପୂର୍ବରୁ ବିସ୍ଫୋରଣରେ ଥରି ଉଠିଥିଲା ସାହି। ଭୟରେ ଲୋକେ ଯିଏ ଯୁଆଡେ ପାରିଲେ ଦୌଡ଼ିଲେ। ପରେ ଜଣାପଡ଼ିଲା ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟିଛି। ଚାହୁଁ ଚାହୁଁ ୩ ବଖରା ଘର ଜଳିଯାଇଥିଲା। ରୋଷେଇ ବେଳେ ଗ୍ୟାସ ସିଲିଣ୍ଡର ଲିକ୍ ହୋଇ ବିସ୍ଫୋରଣ ହେବାରୁ ଏପରି ଅଗ୍ନିକାଣ୍ଡ ଘଟିଛି। ଅଳ୍ପକେ ବର୍ତ୍ତି ଯାଇଛନ୍ତି ଜାଗିଲି ନାଇକଙ୍କ ପରିବାର ଲୋକେ। ଏଥିରେ ସୁଗ୍ରୀବ ନାଇକ, ସୁଶୀଳା ନାଇକ ପ୍ରମୁଖ ୩ ପରିବାରର ଚାଳ ଛପର ଘର ଜଳି ଯାଇଛି।



**ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ**

ପ୍ରକାଶ ଯେ, ଜାଗିଲିଙ୍କ ଘରେ ତାଙ୍କ ସ୍ତ୍ରୀ ରୋଷେଇ କରୁଥିବା ବେଳେ ଗ୍ୟାସ୍ ସିଲିଣ୍ଡର ପାଇପ ଫାଟି ଗ୍ୟାସ ଲିକ୍ ହେଉଥିଲା। ଜାଣିନପାରି ସେ ଲାଇଟର ମାରିବା ମାତ୍ରେ ହଠାତ ପୁରା ଘରକୁ ନିଆଁ ବ୍ୟାପି ଯାଇଥିଲା। ପରେ ସିଲିଣ୍ଡରଟି ବିସ୍ଫୋରଣ ଘଟିଥିଲା। ଚାହୁଁ ଚାହୁଁ ପଡ଼ୋଶୀ ଦୁଇଘରକୁ ନିଆଁ ବ୍ୟାପି ଯାଇଥିଲା। ଖବରପାଇ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଜାଗିଲିଙ୍କ ସମେତ ୩ ପରିବାରର ସମସ୍ତ ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

**● ଷ୍ଟେସନରୁ ୩୪ ନାବାଳକ ଉଦ୍ଧାର ଘଟଣା**

## ୨ ରାଜ୍ୟର ସିଡବ୍ଲ୍ୟୁସିକୁ ମଗାଗଲା ତଥ୍ୟ

ବ୍ରହ୍ମପୁର,୧୯।୪(ସମିସ): ଫାଲକନାମା ଏକ୍ସପ୍ରେସରେ ଯାଉଥିବାବେଳେ ବ୍ରହ୍ମପୁର ଷ୍ଟେସନରୁ ଗତକାଲି ସନ୍ଧ୍ୟାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ୩୪ ଜଣ ନାବାଳକ ଉଦ୍ଧାର ଘଟଣାକୁ ନେଇ ତଦନ୍ତ ଜାରି ରହିଛି। ଉଦ୍ଧାର ଶିଶୁଙ୍କୁ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଏବଂ ଚିକିଟି ସ୍ଥିତ ସରକାରୀ ଆଶ୍ରୟ ସ୍ଥଳରେ ରଖାଯାଇଛି। ଏହି ଶିଶୁଙ୍କ ବିଷୟରେ ତଥ୍ୟ ଦେବାକୁ ପଶ୍ଚିମବଙ୍ଗ ଏବଂ ବିହାରର ବିଭିନ୍ନ ଜିଲ୍ଲାରେ ଥିବା ସିଡବ୍ଲ୍ୟୁସିକୁ ତଥ୍ୟ ପ୍ରଦାନ କରିବାକୁ ଗଞ୍ଜାମ ଜିଲ୍ଲା ସିଡବ୍ଲ୍ୟୁସି ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିଶୁମାନଙ୍କ ଠିକଣା ଓ ଅଭିଭାବକଙ୍କ ବିଷୟରେ ଜଣାପଡିବା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ, ଏହି ଶିଶୁଙ୍କୁ ଧରି ହାଇଦ୍ରାବାଦ ଯାଉଥିବା ୪ ଜଣ ଯୁବକଙ୍କୁ ଲିଖିତ ପ୍ରତିଶ୍ରୁତି ପରେ ଛାଡ଼ି ଦିଆଯାଇଛି। ଗତକାଲି ସନ୍ଧ୍ୟାରେ ଫାଲକନାମା ଏକ୍ସପ୍ରେସରେ ୪୦ ରୁ ୫୦ ଜଣ ଶିଶୁ ସନ୍ଦିଗ୍ଧ ଅବସ୍ଥାରେ ଯାତ୍ରା କରୁଥିବା ଆରପିଏଫ୍‌କୁ ଖବର ମିଳିଥିଲା। ଆର୍‌ପିଏଫ, ରେଲୱେ ଶିଶୁ ସୁରକ୍ଷା ୟୁନିଟ ମିଳିତ ସହଯୋଗରେ ସମସ୍ତ ଶିଶୁଙ୍କୁ ବ୍ରହ୍ମପୁର ଷ୍ଟେସନରେ ଉଦ୍ଧାର କରିଥିଲା। ଯାଞ୍ଚ ପରେ ଏହି ଶିଶୁମାନେ ପଶ୍ଚିମବଙ୍ଗ ଏବଂ ବିହାର ରାଜ୍ୟର ବୋଲି ଜଣାପଡିଥିଲା। ଏହି ଟ୍ରେନରେ ଶିଶୁଙ୍କୁ ଧରି ଯାଉଥିବା ୪ ଜଣ ଯୁବକ ସମସ୍ତ ଶିଶୁଙ୍କୁ ହାଇଦ୍ରାବାଦର ଏକ ମାଦ୍ରାସାକୁ ପାଠ ପଢ଼ାଇବାକୁ ନେଉଥିବା କହିଥିଲେ। ତେବେ ତଦନ୍ତ ପରେ ଏହି ଶିଶୁମାନେ ପ୍ରକୃତରେ କୁଆଡ଼େ ଯାଉଥିଲେ ଏବଂ ସେମାନଙ୍କ ଅଭିଭାବକଙ୍କ ସହମତି ଥିଲା କି ନାହିଁ ତାହା ସାମ୍ନାକୁ ଆସିବ ବୋଲି କୁହାଯାଉଛି।

## ୫୦ର ସ୍ମୃତି ସାଉଁଟିଲେ ପୁରାତନ ଛାତ୍ର




ଆସିକା,୧୯ ।୪(ସମିସ): ଆସିକା ହରିହର ହାଇସ୍କୁଲର ୧୯୭୫ ବ୍ୟାଚର ଛାତ୍ରଛାତ୍ରୀ ମିଶି ଦୀର୍ଘ ୫୦ ବର୍ଷର ଅନୁଭୂତିକୁ ପ୍ରକାଶ କରିଥିଲେ। ଏହି ସ୍କୁଲର ପୁରାତନ ଛାତ୍ର ତଥା ବିଶିଷ୍ଟ ଉଦଘୋଷକ ହୃଷିକେଶ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରଥ, ଯୁଧିଷ୍ଠିର ଦୋରା, ହରିହର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ସ୍ୱର୍ଗତ ଶିକ୍ଷକ ଏବଂ ବନ୍ଧୁ ମାନଙ୍କ ଉଦ୍ଦେଶ୍ୟରେ ଶୋକ କରି ସେମାନଙ୍କ ପାଠ ପଢ଼ା ସମୟକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମରେ ରାମାରାଓ ପାତ୍ର, ନିରଞ୍ଜନ ବେହେରା, ଅଭିମନ୍ୟୁ ସାହୁ, ରାଜେନ୍ଦ୍ର କୁମାର ସାହୁ, ନୃସିଂହ ଚରଣ ଦାସ, ସତ୍ୟ ନାରାୟଣ ପାତ୍ର, ସୁରେଶ କୁମାର ମହାରଣା, ରାମ ଶଙ୍କର ମହାପାତ୍ର ତ୍ରିଲୋଚନ ପ୍ରଧାନ, ସୁବ୍ରତ ପାଣିଗ୍ରାହୀ, ସତ୍ୟ ମୁନି, କାମେଶ୍ୱର ଆଚାରୀ, ରବୀନ୍ଦ୍ର ପାତ୍ର, ସଂଜୀବ ପାତ୍ର, ମହମ୍ମଦ ଅଲ୍ଲୀ, ପୂର୍ଣ୍ଣ ସୁବୁଧି, ରାମ ରଞ୍ଜନ ପଣ୍ଡାଙ୍କ ସମେତ ଅନେକ ସାଙ୍ଗ ଏବଂ ସେମାନଙ୍କ ସହଧର୍ମିଣୀ ମାନେ ଯୋଗ ଦେଇଥିଲେ।

## ସମବାୟ ସମ୍ପାଦକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦିଗପହଣ୍ଡି,୧୯ ।୪(ସମିସ): ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ର ସମ୍ପାଦକ ଗୋପାଳ କୃଷ୍ଣ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସମବାୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସେବା ସମବାୟ ସମିତି ସଭାପତି ନିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସିଦ୍ଧେଶ୍ୱର ସରପଞ୍ଚ ବିଜୟ କୁମାର ପ୍ରାଧନ, ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଏମ.ନିରଞ୍ଜନ ରେଡ୍ଡୀ, ସାମାଜିକ କର୍ମୀ ସମୀର କୁମାର ସ୍ୱାଇଁ, ଦୁର୍ଯ୍ୟୋଧନ ସ୍ୱାଇଁ ପ୍ରମୁଖ ଅତିଥିଭାବେ ମଞ୍ଚାସିନ ଥିଲେ। ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ଶିବ ସାହୁ, ନିର୍ଦ୍ଦେଶକ ଗୋପାଳକୃଷ୍ଣ ମଲ୍ଲିକ, ମନୋଜ ଲେଙ୍କା, ମାଗତା ଡାକୁଆ, ପ୍ରସନ୍ନ କୁମାର ବିଷୋୟୀ, ଶଙ୍କର ଜେନା, ବଳରାମ ଭୂୟାଁଙ୍କ ସମେତ ବହୁ ସଂଖ୍ୟକ ଚାଷୀ



ପ୍ରତିନିଧି ସଭାରେ ଉପସ୍ଥିତ ଥିଲେ। ସେ ଚାକିରି ଜୀବନରୁ ଅବସରଗ୍ରହଣ କରିଥିଲେ ମଧ୍ୟ ଅବଶିଷ୍ଟ ସମୟ ସମବାୟ ସମିତିର ବିକାଶ ଦିଗରେ ସହଯୋଗ କରିବେ ବୋଲି ଅବସରପ୍ରାପ୍ତ ସମ୍ପାଦକ ତାଙ୍କ ପ୍ରତିକ୍ରିୟା ରେ କହିଥିଲେ। ସମବାୟ କାର୍ଯ୍ୟାଳୟ ଡିଇଓ ସିଦ୍ଧନାଥ ବିଷୋୟୀ, ଜନାର୍ଦ୍ଦନ ଲେଙ୍କା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



କୁକୁଡ଼ାଖଣ୍ଡି,୧୯ ।୪(ସମିସ): ଦକ୍ଷିଣପୁର କ୍ଲଷ୍ଟରସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ କାହ୍ନୁ ଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ କଣ ତାହା ଉପସ୍ଥାପନ କରିଥିଲେ। କ୍ଲଷ୍ଟର ସିଆରସିସି ଦୁଷ୍ମନ୍ତ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିବରାମ ମହାଙ୍କୁଡ଼ ( ଆର ପି ) ପ୍ରଶିକ୍ଷାର୍ଥୀ ମାନଙ୍କୁ ପେପର୍‌ରେ ରଙ୍ଗବେରଙ୍ଗର ଅନେକ ପ୍ରକାରର ଶିକ୍ଷଣ ଫଳାଫଳ ଅଧାରିତ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା କଳା ପ୍ରଶିକ୍ଷାର୍ଥିଙ୍କୁ ଶିଖାଇଥିଲେ। ଆମ୍ବଗଡ ବିଦ୍ୟାଳୟରୁ ସୁନୀତା ସାହୁ, ଅରୁଣା କୁମାରୀ, ଗୁଣ୍ଠ ବନ୍ଧ ବିଦ୍ୟାଳୟର ସୁଜାତା କୁମାରୀ ସାହୁ, ସଙ୍ଗୀତ ପାତ୍ର, ଦକ୍ଷିଣପୁର ବିଦ୍ୟାଳୟର ଏ. ପୁଷ୍ପଲତା, ରୁବିତା କୁମାରୀ ଦେବୀ, ରଶ୍ମିତା କୁମାରୀ ପ୍ରଧାନ, ମନୀଷ ମଞ୍ଜରୀ ବଡ଼ ମୁଣ୍ଡି, ଲାଞ୍ଜିଆ ବିଦ୍ୟାଳୟରୁ ନମିତା କୁମାରୀ ମହାରଣା, ରଶ୍ମିତା ମହାଙ୍କୁଡ଼, ବାଳକୃଷ୍ଣପୁରରୁ ଶଶିରେଖା ମଲ୍ଲିକ୍, ରାଜଲକ୍ଷ୍ମୀ ନାହାକ, ପଦରବାଲିରୁ ଅଳକା ମିଶ୍ର, ବିର କିଶୋର ଚୌଧୁରି, ଭଗବାନପୁରରୁ କନକ ଲତା ମହାନ୍ତି, ବୁଦାଲୁଣ୍ଡିରୁ ମହାଲକ୍ଷ୍ମୀ କର ପ୍ରମୁଖ ଉପସ୍ଥିତ ଥିଲେ।

**ଚିଲିକା କୂଳରେ ଜେଟି ନିର୍ମାଣ ପ୍ରସ୍ତାବ ଘଟଣା**

# ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବକୁ ନେଇ ଅସନ୍ତୋଷ

ହୁମ୍ମା,୧୯ ।୪(ସମିସ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତର ଗୌରାଙ୍ଗପାଟଣା ଗ୍ରାମ ଚିଲିକା କୂଳରେ ଜେଟି ନିର୍ମାଣ ପାଇଁ ୧କୋଟି ୭ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ଆଶାବାନ୍ଧି ବସିଛନ୍ତି ଚିଲିକା କୂଳ ମତ୍ସ୍ୟଜୀବୀ ଗ୍ରାମବାସୀ। କିନ୍ତୁ ଏହି ପ୍ରସ୍ତାବଟି ବାରମ୍ବାର କାଗଜ କଲମରେ ପ୍ରସ୍ତାବ ଆଗତ ହେଉଛି ପୁଣି ଅଟକି ଯାଉଛି। ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ପ୍ରାୟ ୫ ବର୍ଷ ପୂର୍ବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମୟରେ ଗୌରାଙ୍ଗପାଟଣା ଗ୍ରାମ କୂଳରେ ଚିଲିକା ଜେଟି ନିର୍ମାଣ ପାଇଁ ପ୍ରସ୍ତାବ ଆସିଥିଲା। ସେତେବେଳେ ଗଞ୍ଜାମ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡ଼ିଓ, ପର୍ଯ୍ୟଟନ ବିଭାଗ ଅଧିକାରୀ ମଧ୍ୟ ଆସି ତନାଘନ କରିଥିଲେ। ବର୍ତ୍ତମାନ ମଧ୍ୟ ସେପରି ଅବସ୍ଥା। ଜିଲ୍ଲା ପ୍ରଶାସନ ସମେତ ଓଏସ ଅଧିକାରୀ ଓ ବିଭାଗୀୟ ଅଧିକାରୀ ଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇପାରି ନାହିଁ। ପର୍ଯ୍ୟଟନ ବିକାଶ ନିମନ୍ତେ ଗୌରାଙ୍ଗପାଟଣା ଚିଲିକା କୂଳରେ ଜେଟି ନିର୍ମାଣ ନିମନ୍ତେ ପ୍ରଶାସନ ଡ଼ିଣ୍ଡିମ ପିଟୁଛନ୍ତି। କିନ୍ତୁ ବିକାଶ ଅଧାରେ ଅଟକି ଯାଉଛି। ଚିଲିକା କୂଳରେ ଜେଟି ନିର୍ମାଣ କରିବାକୁ ହେଲେ ଗ୍ରୀଷ୍ମ ଋତୁ ଉପଯୁକ୍ତ ସମୟ। ଅତ୍ୟଧିକ ଖରା ଓ ଦକ୍ଷିଣାପବନ ପ୍ରବାହରେ ଚିଲିକା ପାଣି କୂଳ ଠାରୁ ଶହେ ମିଟର ପର୍ଯ୍ୟନ୍ତ ଶୁଖିଯାଏ। ଯାହାଫଳରେ ଜେଟି ନିର୍ମାଣ କରିବାଟା ସହଜ ହୋଇଯିବ। କିନ୍ତୁ ପ୍ରଶାସନ ଅବହେଳା ଯୋଗୁଁ ବର୍ଷା ଋତୁର ଆଗମନ ଜେଟି ନିର୍ମାଣରେ ବାଧକ ସାଜିପାରେ ବୋଲି ମତ୍ସ୍ୟଜୀବୀମାନେ ମତ ଦେଇଛନ୍ତି। ସମୟାନୁସାରେ ଜେଟି ନିର୍ମାଣ କାର୍ଯ୍ୟ ନସରେ ତାହେଲେ ବର୍ଷା ଋତୁ ପଶିଲେ ଲକ୍ଷାଧିକ ଟଙ୍କାର ମାଟି, ଗୋଡ଼ି, ପଥର, ବାଲି ଓ ଅନ୍ୟାନ୍ୟ ସାମଗ୍ରୀ କ୍ଷତି ହୋଇପାରେ ବୋଲି ଅନୁମାନ କରାଯାଉଛି। ଅତିଶୀଘ୍ର ଜେଟି ନିର୍ମାଣ ହେଲେ ଗୌରାଙ୍ଗପାଟଣା ମତ୍ସ୍ୟଜୀବୀ ଗ୍ରାମବାସୀ ଆସନ୍ତା ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିବା ସହ ଡ଼ଙ୍ଗା, ଜାଲ ଓ ଅନ୍ୟାନ୍ୟ ମତ୍ସ୍ୟ ସରଞ୍ଜାମ ସୁରକ୍ଷିତ ରଖିପାରିବେ ଓ ତାହା ରୋଜଗାର ମଧ୍ୟ ବୃଦ୍ଧି ପାଇବ । ଗଞ୍ଜାମ ଜିଲ୍ଲାପାଳ ଓ ଜିଲ୍ଲା ପର୍ଯ୍ୟଟନ ବିଭାଗ ଅଧିକାରୀ ଅବହେଳିତ ହୋଇ ପଡିଥିବା ଜେଟି ନିର୍ମାଣ ସମୟାନୁସାରେ କାର୍ଯ୍ୟ ଆରମ୍ଭ କରି କାର୍ଯ୍ୟ ଶେଷ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଗଞ୍ଜାମ 'ଓଷ୍ଟା'ର ସାମ୍ବିଧାନିକ ସମ୍ମିଳନୀ




ଭଞ୍ଜନଗର,୧୯ ।୪(ସମିସ): ସ୍ଥାନୀୟ ଟାଉନ ହଲରେ ଗଞ୍ଜାମ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ ଜିଲ୍ଲା ସଭାପତି ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନିଆ ସମ୍ମିଳନୀରେ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ, ଆଲୋଷ୍ଟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ରାଜ୍ୟ ଓଷ୍ଟା ସଂଗଠନର ସଭାପତି ଅକ୍ଷୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ଏସଟିଏଫ ଆଇ ଉପସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି, ଆଲୋଷ୍ଟ ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ମାଣିକେଶ୍ୱର ସ୍ୱାଇଁ, କାମରାଜୁ ମହାରଣା, ଲିଙ୍ଗରାଜ ସ୍ୱାଇଁ, ମଦନମୋହନ ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇ ଓଷ୍ଟାର ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ଭୂମିକା ସହ ନୂତନ ଜାତୀୟ ଶିକ୍ଷାନୀତି ଉପରେ ମତ ରଖିଥିଲେ। ଜିଲ୍ଲା ସମ୍ପାଦକ ବିଜୟ କୁମାର ବେହେରା ସମ୍ପାଦକୀୟ ବିବରଣୀ ପାଠ ସହ ଆୟ, ବ୍ୟୟ ହିସାବ ଦେଖାଇଥିଲେ। ପରେ ଆଗାମୀ ତିନିବର୍ଷ ପାଇଁ କର୍ମକର୍ତ୍ତା ଚୟନ ସର୍ବସମ୍ମତିକ୍ରମେ କରାଯାଇଥିଲା। ଏଥିରେ ସଭାପତି ଭାବେ ଦିଲ୍ଲୀପ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି କେଦାରନାଥ ପଟ୍ଟନାୟକ, ଉପସଭାପତି ବାସନ୍ତୀ ଷଡ଼ଙ୍ଗୀ, ବଳରାମ ବାରିକ, ସୁଧୀର କୁମାର ସେଠୀ, ସମ୍ପାଦକ ରାମଚନ୍ଦ୍ର ପୋଲେଇ, ଯୁଗ୍ମ ସମ୍ପାଦକ ସୁଦୀପ୍ତ କୁମାର ପଟ୍ଟନାୟକ, ସୁଖଲତା ତ୍ରିପାଠୀ, ପ୍ରମୋଦ କୁମାର ଗୌଡ଼, କାର୍ଯ୍ୟକାରୀ ସଭ୍ୟ ବଂଶୀଧର ସାହୁ, କବିରାଜ ସାହୁ, ପ୍ରଶାନ୍ତ ଗୌଡ଼, ଜଗନ୍ନାଥ ଜେନା ଓ ନରସିଂହ ପଣ୍ଡାଙ୍କୁ ରାଜ୍ୟ ଓଷ୍ଟା ସଭାପତି ଶପଥ ପାଠ କରାଇଥିଲେ। ଆବାହକ ତଥା ସଂଗଠନ ସମ୍ପାଦକ ମଦନମୋହନ ରଥ ଧନ୍ୟବାଦ ଦେଇଥିଲେ।

# ପୋଷ୍ଟର ଜଙ୍ଗଲ ପାଲଟିଲାଣି ପାରଳା ସହର

ପାରଳାଖେମୁଣ୍ଡି, ୧୯ ।୪(ସମିସ)




ଗଜପତି ଜିଲ୍ଲାର ଏକମାତ୍ର ପୌର ପରିଷଦ ପାରଳାଖେମୁଣ୍ଡି ସହର। ଏହା ରାଜ୍ୟର ଦ୍ୱିତୀୟ ସର୍ବପୁରାତନ ପୌରପରିଷଦ। କିନ୍ତୁ ବର୍ତ୍ତମାନ ସବୁକ୍ଷେତ୍ରରେ ଅବହେଳାର ଚରମ ସୀମା ପାର କରିଛି। ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ହୋର୍ଡିଂ ଟେଣ୍ଡର ନହେବା ଯୋଗୁଁ ରାସ୍ତାର ଦୁଇକଡ଼, ଘର, ଦାଣ୍ଡ ସବୁଠି ବେଆଇନ ଭାବେ ଫ୍ଲେକ୍ସ, ହୋର୍ଡିଂ ଲଗାଯାଇଥିବା ଦେଖିବାକୁ ମିଳୁଛି। ଯିଏ ଯେମିତି ଚାହିଁଲେ ମନଇଚ୍ଛା ହୋର୍ଡିଂ ମାରିଚାଲିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଇ ମଧ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ପୌରପରିଷଦ। ଓଡ଼ିଶାର ସର୍ବ ପୁରାତନ ପୌର ପରିଷଦ ଏବେ ସବୁଠାରୁ ଅଧିକ ଅବହେଳିତ। କର୍ତ୍ତୃପକ୍ଷଙ୍କ ଅବହେଳା ଏବେ ଚରମ ସୀମାରେ। ପୂର୍ବରୁ ପ୍ରତି ୫ବର୍ଷରେ ଥରେ ଟେଣ୍ଡର ହେଉଥିଲା। କିନ୍ତୁ ଗତ ୨୦୦୯ ମସିହା ପରଠାରୁ କେଉଁ କାରଣରୁ ଆଉ ଟେଣ୍ଡର ହେଉନାହିଁ ଜଣାପଡ଼ିନି। ଏଥିଯୋଗୁଁ ସାଧାରଣ ଲୋକେ, ବ୍ୟବସାୟୀ, ରାଜନୈତିକ ନେତା ସମସ୍ତେ ଯିଏ ଯେଉଁଠି ଚାହିଁଲା ମନଇଚ୍ଛା ହୋର୍ଡିଂ, ପୋଷ୍ଟର ମାରିଚାଲିଛନ୍ତି। ସହରର ଚାରିଆଡ଼େ ଦେଖିଲେ ପୋଷ୍ଟର ଜଙ୍ଗଲ ଭଳି ଦେଖାଦେଉଛି। ଏପରିକି ବିଦ୍ୟୁତ ପୋଲକୁ ମଧ ଛାଡୁନାହାନ୍ତି ବ୍ୟବସାୟୀ। କିଛି ଜାଗାରେ ମୁଖ୍ୟ ରାସ୍ତାକୁ ଅବରୋଧ କରି ହୋର୍ଡିଂ ମରାଯାଇଥିବା ଦେଖିବାକୁ ମିଳୁଛି। ଯିଏ ଟିକେ ପ୍ରଭାବଶାଳୀ କିମ୍ବା କୌଣସି ଦଳର କୁଜିନେତା ସେ ମଧ ପୋଷ୍ଟର ମାରିଥିବା ଦେଖାଯାଉଛି।

**● ବିପଦକୁ ଡାକୁଛି ବେଆଇନ ହୋର୍ଡିଂ**
**● ରାଜସ୍ୱ ହରାଉଛନ୍ତି ସରକାର**

ସେହିଭଳି ସହରର ଦୁଇ ସୁନା ଅଳଙ୍କାର ଦୋକାନୀ ପ୍ରତିଦ୍ୱନ୍ଦୀତା କରି ଗଳିକନ୍ଦି ଠାରୁ ଆରମ୍ଭ କରି ସମସ୍ତ ଯାଗାରେ ବିଦ୍ୟୁତ, ଟେଲିଫୋନ, ବେସରକାରୀ କାନ୍ଥ ବାଡରେ ହୋର୍ଡିଂ ଓ ପ୍ରଚାରପତ୍ର ଲଗାଇଛନ୍ତି। ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସିଟି ସ୍କାନିଂ ଓ ପରୀକ୍ଷାଗାରକୁ ଯିବା ରାସ୍ତାରେ ଥିବା ଏକ ଖୁଣ୍ଟରେ ଲଗାଇଛନ୍ତି ହୋର୍ଡିଂ। ଏହି ରାସ୍ତାଦେଇ ଯିବା ବେଳେ ରୋଗୀଙ୍କ ମୁଣ୍ଡକୁ ହୋର୍ଡିଂ ବୋର୍ଡ ବାଜୁଥିବା ଅଭିଯୋଗ ହେଉଛି। ପାରଳାଖେମୁଣ୍ଡି ବାତ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ପବନରେ ହୋର୍ଡିଂ ପଡ଼ି ଅଘଟଣ ଘଟିଲେ ସେଥିପ୍ରତି ଦାୟୀ କିଏ ରହିବ ବୋଲି ସାଧାରଣ ଲୋକେ ପ୍ରଶ୍ନ ହେଉଛି। ବର୍ତ୍ତମାନ ଟେଣ୍ଡର ନହୋଇ ଯେଉଁ କ୍ଷତି ହୋଇଛି ତାହା କିଏ ଭରଣ କରିବ ବୋଲି ମଧ ପ୍ରଶ୍ନ କରିଛନ୍ତି ପୂର୍ବତନ କାଉନସିଲର ତ୍ରିପତି ପାତ୍ର, ସମାଜସେବୀ ଜଗନ୍ନାଥ ପାଣିଗ୍ରାହୀ ଓ ସୂଚନା ଅଧିକାରୀ କର୍ମୀ ପ୍ରଣଜ ପଟ୍ଟନାୟକ। ଏସମ୍ପର୍କରେ ପୌର ପାଳିକା ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଚିରାଚରିତ ଢଙ୍ଗରେ ଉତ୍ତର ରଖିଛନ୍ତି। ଆଗାମୀ ପୌରପାଳିକାର ବୈଠକରେ ଏସମ୍ପର୍କରେ ପ୍ରସ୍ତାବ ରଖାଯିବ। ପରବର୍ତ୍ତୀ ନିଷ୍ପତ୍ତି କ୍ରମେ ଏହାର ଟେଣ୍ଡର ବାହାର କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

● ନାଏବ ସରପଞ୍ଚଙ୍କ ମହାନତା

## ଟଙ୍କା ଭର୍ତ୍ତି ମନିପର୍ସ ଫେରାଇଲେ



ଦିଗପହଣ୍ଡି, ୧୯ ।୪(ସମିସ): ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତର ନାଏବ ସରପଞ୍ଚ ନରସିଂହପୁର ଗ୍ରାମର ଜି.ଶେଖର ଦୋରା ରାସ୍ତାରୁ ପାଇଥିବା ଟଙ୍କା ଭର୍ତ୍ତି ମନିପର୍ସକୁ ଫେରାଇ ମହାନତା ଦେଖାଇଛନ୍ତି। ଶେଖର କୌଣସି କାମରେ ବାଇକ ଯୋଗେ ବ୍ରହ୍ମପୁର ନିକଟ ଲାଞ୍ଜିଆ ଗ୍ରାମକୁ ଯାଉଥିବା ବେଳେ ମହୁରୀ କାଲୁଆ ଛକରେ ତାଙ୍କୁ ଏକ ମନିପର୍ସ ମିଳିଥିଲା। ସେଥିରେ ୧୩ହଜାର ୫ଶହ ଟଙ୍କା, ୩ଟି ଏଟିଏମ୍ କାର୍ଡ, ଆଧାର କାର୍ଡ ଥିଲା। ସେ ସଙ୍ଗେ ସଙ୍ଗେ ଦିଗପହଣ୍ଡି ଥାନାରେ ପହଞ୍ଚି ପୁଲିସ ଅଧିକାରୀଙ୍କୁ ଉକ୍ତ ମନିପର୍ସ ପ୍ରଦାନ କରିବା ସହ ପ୍ରକୃତ ବ୍ୟକ୍ତିଙ୍କୁ ଚିହ୍ନଟ କରି ମନିପର୍ସଟିକୁ ଫେରାଇଦେବାକୁ ଅନୁରୋଧ କରିଥିଲେ। ପୁଲିସ ମନିପର୍ସରୁ ଫୋନ୍ ନମ୍ବର ସଂଗ୍ରହ କରି ତାଙ୍କୁ ଥାନାକୁ ଡ଼କାଇ ପ୍ରମାଣ ପାଇବା ପରେ ଉକ୍ତ ଟଙ୍କା ସହ ପର୍ସ ଫେରାଇଥିଲେ। ପର୍ସଟି ଟାଙ୍ଗଡ଼ାପଲ୍ଲୀ ଗ୍ରାମର ଗଣେଶ ସ୍ୱାଇଁଙ୍କର। କୁକୁଡ଼ାଖଣ୍ଡି ବ୍ଲକ ବଉଲଝୋଳି ଗାଁ ଯାତ୍ରାରେ ଚାଲିଥିବା ରାମାୟଣ ନାଟକ ଦେଖି ବାଇକ ଯୋଗେ ଗାଁକୁ ଫେରିବା ରାସ୍ତାରେ ପକେଟରୁ ମନିପର୍ସଟି ଖସି ପଡ଼ିଥିଲା।

## ଅବସରପ୍ରାପ୍ତ କର୍ମଚାରୀଙ୍କ ବାର୍ଷିକ ସମ୍ମିଳନୀ




ଭଞ୍ଜନଗର, ୧୯ ।୪(ସମିସ): ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଭଞ୍ଜନଗର ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀ ସଭାପତି ବିଭୂତି ଭୂଷଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ବିଶିଷ୍ଟ ଅତିଥିଭାବେ ପ୍ରଫେସର କୃତ୍ତିବାସ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ରାଜ୍ୟସଙ୍ଘ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ସମ୍ମାନୀତ ଅତିଥିଭାବେ ଓଷ୍ଟା ରାଜ୍ୟ ସଂଘ ସଭାପତି ଅକ୍ଷୟମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ, ଆଲୋଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ପର୍ଶୁରାମ ସ୍ୱାଇଁ, ପଦ୍ମନାଭ ପ୍ରଧାନ, ଅନୁପମ ବାନାର୍ଜୀ, ସୁବଳ ଚନ୍ଦ୍ର ଭୂୟାଁ ମଞ୍ଚାସୀନ ହୋଇ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ, ସ୍ୱାସ୍ଥ୍ୟ, ଗମନାଗମନ, ବ୍ୟାଙ୍କ ସେବା ଉପରେ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସେବା ଉପରେ ବକ୍ତବ୍ୟ ରଖିଥିଲେ। ନେତାଜୀ ବିଷୋୟୀଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ଶୂଳପାଣି ଶତପଥି, ଜଗବନ୍ଧୁ ଜେନା, ସନ୍ତୋଷ କୁମାର ଜେନା, ପ୍ରଦୀପ କୁମାର ସ୍ୱାଇଁ, ସୁବାସ ଚନ୍ଦ୍ର ତାରିଣୀ, ନିର୍ମଳ ସ୍ୱାଇଁ, ଗଣେଶ ଚନ୍ଦ୍ର ପଣ୍ଡା, ବୃନ୍ଦାବନ ନାୟକ, ରମେଶ ଚନ୍ଦ୍ର ଗୌଡ଼, କବିରାଜ ପୋଲେଇଙ୍କ ସମେତ ବହୁ ସଦସ୍ୟ, ସଦସ୍ୟା ଯୋଗଦେଇ ଥିଲେ।

## ଅସହ୍ୟ ତାତି ସହ ଗୁଳୁଗୁଳିରେ ବିଦ୍ୟୁତ୍‌ର ଲୁଚକାଳି ଖେଳ

### ଜନଜୀବନ ଅସ୍ତବ୍ୟସ୍ତ, ପାନୀୟ ଜଳ ବି ଅଭାବ

ପାରଳାଖେମୁଣ୍ଡି, ୧୯ ।୪(ସମିସ): ପାରଳାଖେମୁଣ୍ଡି ସହରରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି। ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳିରେ ଲୋକେ ସନ୍ତୁଳି ହେଉଛନ୍ତି। ପାରଦ ୪୦ ପାର ହୋଇଥିବା ବେଳେ ଦୁଇଦିନ ହେଲା ମେଘାଛନ୍ନ ରହୁଥିବାରୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଏପରି ସ୍ଥିତିରେ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିବା ସହ ମଧାହ୍ନରେ ସହରର ମୁଖ୍ୟ ରାସ୍ତାଘାଟ ଖାଁ ଖାଁ ହୋଇଯାଉଛି। ଏଭଳି ସ୍ଥିତିରେ ବିଦ୍ୟୁତ କାଟ୍ ସମସ୍ୟା ଦ୍ୱିଗୁଣିତ କରୁଛି। ଠିକ୍ ଗ୍ରୀଷ୍ମ ଋତୁର ଆରମ୍ଭରେ ସହରରେ ବିଦ୍ୟୁତର ଲୁଚକାଳି ଖେଳ ଆରମ୍ଭ ହୋଇଛି। ସହରର କେଉଁ ଅଞ୍ଚଳରେ କେଉଁ ସମୟରେ ବିଦ୍ୟୁତ କାଟ କରାଯାଉଛି ତାହାର ସୂଚନା କାହାପାଖରେ ନାହିଁ।

ବିଦ୍ୟୁତ୍ କାଟ୍ ଯୋଗୁଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ମଧ ସମୟେ ସମୟେ ବନ୍ଦ ରହୁଥିବାରୁ ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମ ଋତୁ ଆସିଲେ ପାନୀୟ ଜଳ ସଂକଟ ଦେଖାଗଲେ ବିଭାଗ ବିକଳ୍ପ ଚିନ୍ତା କରୁଛି। ହେଲେ ଜୁନ, ଜୁଲାଇରେ ବର୍ଷା ହୋଇ ସଙ୍କଟ ଟଳିଗଲା ପରେ ସହରର ଜଳ ସଂକଟ ଦୂର କରିବାକୁ କୌଣସି ଉପାୟ ଅବଲମ୍ବନ କରାଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଉଭୟ ବିଦ୍ୟୁତ୍ ଓ ଜନସ୍ୱାସ୍ଥ୍ୟ ବିଭାଗ ପୁରୁଣା ଢାଞ୍ଚା ତଥା ପୁରାତନ ଜନସଂଖ୍ୟାକୁ ନେଇ ଯେତିକି ଉପକରଣ ବା ପାଣି ଟାଙ୍କି ନିର୍ମାଣ ରହିଛି ସେତିକିରେ ହିଁ ଉପଯୋଗ କରିଚାଲିଛନ୍ତି। କିନ୍ତୁ ସହରର ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଗ୍ରୀଷ୍ମ ଋତୁରେ ଏହି ଦୁଇ ବିଭାଗର କୌଣସି ଆଗୁଆ ପଦକ୍ଷେପ ନ ଥିବାରୁ ଜନସାଧାରଣ ପ୍ରଭାବିତ ହେଉଛନ୍ତି।

## ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରିଣୀ ବୈଠକ

ପାରଳାଖେମୁଣ୍ଡି, ୧୯ ।୪ (ସମିସ): ପାରଳାଖେମୁଣ୍ଡିରେ ଥିବା ଓଡ଼ିଶାର ସର୍ବ ପୁରାତନ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରତାନ ଛାତ୍ର ସଂସଦର କାର୍ଯ୍ୟକାରିଣୀ ବୈଠକ ମହାବିଦ୍ୟାଳୟ ପରିସରସ୍ଥିତ ଅତିଥି ଭବନରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗତ ବର୍ଷର ସଂସଦର ଆୟବ୍ୟୟ ହିସାବ ପ୍ରଦାନ କରାଯାଇଥିଲା। ଭବନ ମରାମତି କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ସହ ଆସନ୍ତା ଏପ୍ରିଲ୍ ୨୬ ମହାରାଜାଙ୍କ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ହୋଇଥିଲା। ଏହି ଅବସରରେ ଚଳିତ ବର୍ଷ ମହାବିଦ୍ୟାଳୟ ବିଦ୍ୟାର୍ଥୀଙ୍କ ମଧରେ ପୁରାତନ ଛାତ୍ର ସଂସଦ ଦ୍ୱାରା ବକ୍ତୃତା ପ୍ରତିଯୋଗିତା ଦୁଇଗୋଟି ପର୍ଯ୍ୟାୟରେ ଚଳିତ ସପ୍ତାହରେ କାରାଯିବ ଏବଂ ସଫଳ ପ୍ରତିଯୋଗୀଙ୍କୁ ମହାରାଜା ଜୟନ୍ତୀ ଉତ୍ସବରେ ପୁରସ୍କୃତ କାରାଯିବାକୁ ନିଷ୍ପତ୍ତି ହୋଇଥିଲା। ସଂସଦ ପକ୍ଷରୁ କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ସମ୍ପାଦକ ଆଦର୍ଶ ଦାସ ମଞ୍ଚାସୀନ ଥିବା ବେଳେ କଲେଜ ତରଫରୁ କୋଷାଧକ୍ଷ ଅଜିତ ପଟ୍ଟନାୟକ ଓ ଅନ୍ୟାନ୍ୟ ପଦାଧିକାରୀ ଓ ସଦସ୍ୟ ଯୋଗ ଦେଇଥିଲେ।




## ୩୧ ୟୁନିଟ ରକ୍ତ ସଂଗୃହୀତ




ହୁମ୍ମା, ୧୯ ।୪(ସମିସ): ସହିଦ ଭଗତ ସିଂହ ସ୍ନାତକ ମହାବିଦ୍ୟାଳୟ ପରିସରରେ ଅଧକ୍ଷା ମିନତୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସହିଦ ଭଗତ ସିଂହ ଜୁନିଅର ଉଚ୍ଚ ମାଧମିକ ମହାବିଦ୍ୟାଳୟର ଅଧକ୍ଷ ସରୋଜ ଦାସ ଓ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼. ସୌମ୍ୟକାନ୍ତ ମହାପାତ୍ର ଉଦଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଜଗଦୀଶ ଚନ୍ଦ୍ର ପାଳ, ଆୟୁଷ ଡାକ୍ତର ମନୋଜ କୁମାର ବେହେରା, ପି.ଏଚ.ଇ.ଓ. ସଂଯକ୍ତାରାଣୀ ଜେନା, ଏମକେସିଜି ଔଷଧ ବିତରଣ ବିଭାଗର ଡଃ ଅବିନାଶ ରଥ, ନର୍ସିଂ ଅଫିସର ରିଙ୍କୁ ସାହୁ, ବୈଷୟିକ ଅଧିକାରୀ ଶ୍ରୀକାନ୍ତ ବସନ୍ତିଆ, ଗୋପାଳ କୃଷ୍ଣ ସାହୁ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧାପକ ଅଧାପିକା, ଅଣଶିକ୍ଷକ କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ, ଇକୋ ୱାରିଅର ଫାଉଣ୍ଡେସନ ଗ୍ରୁପ, ନିକଟସ୍ଥ ହାଇସ୍କୁଲର ଶିକ୍ଷକ ସ୍ଥାନୀୟ ଲୋକଙ୍କ ସହଯୋଗରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

● ପାରିବାରିକ ହିଂସା

## ଟାଙ୍ଗିଆ ଚୋଟରେ ମହିଳା ଗୁରୁତର

ଦିଗପହଣ୍ଡି, ୧୯।୪(ସମିସ): ଦିଗପହଣ୍ଡି ବ୍ଲକ ଭ୍ରମରପୁର ବାଘମରା ସାହିରେ ରବିବାର ଅପରାହ୍ନରେ ପାରିବାରିକ ହିଂସାରୁ ଜଣେ ମହିଳା ଟାଙ୍ଗିଆ ଚୋଟରେ ଗୁରୁତର ହୋଇଛନ୍ତି। ଆହାତ ଜଣକ ହେଲେ ପି. ଗୁନି (୫୫)। ତାଙ୍କୁ ଗୁରୁତର ଅବସ୍ଥାରେ ବମୋକେଇ ଗ୍ରାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାରିବାରିକ ସମସ୍ୟା ଓ ବୈବାହିକ ସମ୍ପର୍କକୁ ନେଇ ଗ୍ରାମର ପି. ଇଗ୍ନିଙ୍କ ଘରେ ଝଗଡ଼ା ହୋଇଥିଲା। ପରେ ଘଟଣା ହିଂସାକାଣ୍ଡର ରୂପ ନେଇଥିଲା। ପରସ୍ପର ପରସ୍ପରଙ୍କୁ ଆକ୍ରମଣ ପ୍ରତି ଆକ୍ରମଣ କରିବାରୁ ଏକାଧିକ ଆହତ ହୋଇଥିଲେ। ଜଣେ ସମ୍ପର୍କୀୟ ପି. କ୍ରିଷ୍ଣା ତାଙ୍କ ହାତରେ ଧରିଥିବା ଟାଙ୍ଗିଆରେ ପି. ଗୁନିଙ୍କ ମୁଣ୍ଡକୁ ଚୋଟ ପକାଇଥିଲେ। ଖବରପାଇ କେ. ନୂଆଗାଁ ଥାନା ଆଇଆଇସି ବିଶ୍ୱଜିତ ନାୟକ, ନୂଆପଡ଼ା ଫାଣ୍ଡି ଅଧିକାରୀ ସୁବାସ ବାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଆୟତ୍ତ କରିଥିଲେ। ଏନେଇ ଥାନାରେ ଏତଲା ହୋଇଛି। ପୁଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## କାର୍ ଧକ୍କାରେ ମହିଳା ମୃତ

ବେଲଗୁଣ୍ଠା, ୧୯।୪(ସମିସ): ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ଥାନା ଅନ୍ତର୍ଗତ ଇନ୍ଦନପୁର ଗ୍ରାମରେ ଏକ କାର ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ସେହି ଗ୍ରାମର ଇଲାସ ସ୍ୱାଇଁ (୬୦)। ସୂଚନା ପ୍ରକାରେ, ଭଞ୍ଜନଗର ପୋଷ୍ଟ ଅଫିସରେ କାର୍ଯ୍ୟରତ ଜନୈକ କର୍ମଚାରୀ ନିଜ କାର ଯୋଗେ ଆସିକାରୁ ରାତି ପ୍ରାୟ ୮ଟାରେ ଭଞ୍ଜନଗର ଅଭିମୁଖେ ଯାଉଥିବା ବେଳେ ଇନ୍ଦନପୁର ଛକ ନିକଟରେ ସେହି ଗ୍ରାମର ଇଲାସ ରାସ୍ତା ପାର ହେଉଥିବାବେଳେ କାର୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ କାର ଚାଳକ ଜଣଙ୍କ ସ୍ଥାନୀୟ ଲୋକଙ୍କ ସହାୟତାରେ ମହିଳା ଜଣଙ୍କୁ ଉଦ୍ଧାର କରି ପ୍ରଥମେ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଭଞ୍ଜନଗର ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କବିସୂର୍ଯ୍ୟଙ୍କ ଶ୍ରାଦ୍ଧୋତ୍ସବ ପାଇଁ ପ୍ରସ୍ତୁତି

ଦିଗପହଣ୍ଡି, ୧୯।୪(ସମିସ): ଓଡ଼ିଆ ସାହିତ୍ୟାକାଶର ଉଜ୍ଜ୍ୱଳତମ ନକ୍ଷତ୍ର କବିସୂର୍ଯ୍ୟ ବଳଦେବ ରଥ ବୈଶାଖ ମାସ ଅକ୍ଷୟ ତୃତୀୟା ତିଥିରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ଜନ୍ମମାଟି ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ବିଜୟନଗରଗଡ଼ ଗ୍ରାମରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଦିଗପହଣ୍ଡି ସ୍ଥିତ କବିସୂର୍ଯ୍ୟ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ସୋମବାର ତାଙ୍କ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଆୟୋଜିତ ଆଲୋଚନା ସଭା ଓ କବିତା ପାଠୋତ୍ସବରେ ବହୁ ସାହିତ୍ୟିକ ଓ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେବେ ବୋଲି ସ୍ମୃତି ପରିଷଦର କାର୍ଯ୍ୟକର୍ତ୍ତା ଜଣାଇଛନ୍ତି। ସେହିପରି ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପଳାସପୁର ଜଳମରା ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀ ଉତ୍ତରବାଙ୍କ ଅଶ୍ୱସ୍ଥି ବାରୁଣୀ ଘାଟଠାରେ ସୋମବାର ସକାଳେ କବିସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ସୂର୍ଯ୍ୟାର୍ଘ୍ୟ ପ୍ରଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ମୃତି ପରିଷଦ କାର୍ଯ୍ୟକର୍ତ୍ତା ବିନାୟକ ଦାସ ଜଣାଇଛନ୍ତି।

## ମନ୍ଦିର ପ୍ରତିଷ୍ଠା ଲାଗି ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା, ୧୯ ।୪(ସମିସ): ବୁଗୁଡ଼ା ବ୍ଲକ ବିରଞ୍ଚିପୁର ପଞ୍ଚାୟତ ଅନ୍ତର୍ଗତ କତକଲା ଗ୍ରାମରେ ଗ୍ରାମଦେବତୀ ମନ୍ଦିର ପ୍ରତିଷ୍ଠା ଓ ୨୪ପ୍ରହର ଅଖଣ୍ଡ ନାମଯଜ୍ଞ ନିମନ୍ତେ ଶୁଭ ଖୁଣ୍ଟି ସ୍ଥାପନ ହୋଇଯାଇଛି। ସଭାପତି ରାହୁଲ ବିଷୋୟୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଗଣେଶ ଦାସ, ମନୋଜ ଦାସ ଓ ଅଶ୍ୱିନ ଦାସ ପୂଜା କାର୍ଯ୍ୟ ସମ୍ପର୍ଣ୍ଣ କରିଥିବା ବେଳେ ସମ୍ପାଦକ ସନାତନ ସ୍ୱାଇଁ, ଶିବ ପ୍ରସାଦ ଜେନା, ପ୍ରଭାକର ବିଷୋୟୀ, ଜୁଗୁନା ସ୍ୱାଇଁ, ସୁଜିତ ସ୍ୱାଇଁ, ପ୍ରତାପ ଭୂୟାଁ, ସଞ୍ଜୟ ପୋଲେଇ ଓ ଗ୍ରାମବାସୀ ସହଯୋଗ କରିଥିଲେ।



## ବିଜେପିର ସାଙ୍ଗଠନିକ ସଭା

ଦିଗପହଣ୍ଡି, ୧୯ ।୪(ସମିସ): ଦିଗପହଣ୍ଡି-ଆସିକା ମୁଖ୍ୟରାସ୍ତା ମା' ଅଞ୍ଚଳେଶ୍ୱରୀ ମନ୍ଦିର ପରିସରରେ ରବିବାର ବିଜେପି ପକ୍ଷରୁ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଦିଗପହଣ୍ଡି ଅଞ୍ଚଳରେ ଥିବା ପ୍ରତି ବୁଥରେ ବିଜେପିର ସାଙ୍ଗଠନିକ ଅଭିବୃଦ୍ଧି ପାଇଁ ଆଗତ ପ୍ରସ୍ତାବକୁ ସଭାରେ ସର୍ବସମ୍ମତି ଭାବେ ଗୃହୀତ କରାଯାଇଥିଲା। ଆଗାମୀ ପଞ୍ଚାୟତ ଏବଂ ପୌର ନିର୍ବାଚନ ନେଇ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସଭାରେ ଆଇନଜୀବୀ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀର ପୂର୍ବତନ ସଦସ୍ୟ ମନୋଜ କୁମାର ପଣ୍ଡା, ଶୁଭେନ୍ଦୁ ପାଢ଼ୀ, ସନ୍ତୋଷ ସାହୁ, ପ୍ରଶାନ୍ତ ପୂଜାରୀ, ଶୁଭ୍ରାଂଶୁ ପ୍ରଧାନ, ଜିତୁ ପଣ୍ଡା, ଶିବରାମ ଗୌଡ଼, ଦିଲ୍ଲୀପ ପ୍ରଧାନ, ପ୍ରଦୀପ ଦାସ, ଜନାର୍ଦ୍ଦନ ପ୍ରଧାନ ପ୍ରମୁଖ ବହୁ ସଂଖ୍ୟକ ସକ୍ରିୟ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ରଘୁନାଥ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।



## ଜିହାଦି ମାନସିକତା ବିରୋଧରେ ବଜରଙ୍ଗ ଦଳର ବିକ୍ଷୋଭ

ବୁଗୁଡା, ୧୯ ।୪(ସମିସ): ମହାରାଷ୍ଟ୍ରର ନାସିକସ୍ଥିତ ଟିସିଏସ୍ ଭଳି ପ୍ରତିଷ୍ଠିତ ସଂସ୍ଥାରେ ବିକୃତ ଜିହାଦି ମାନସିକତାର ଘଟଣାକୁ ନେଇ ସମ୍ପ୍ରତି ଦେଶବ୍ୟାପୀ ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଚାଲିଛି। ଏହି ପରିପ୍ରେକ୍ଷୀରେ ଘୁମୁସର ଜିଲ୍ଲା ବୁଗୁଡା ପ୍ରଖଣ୍ଡ ବଜରଙ୍ଗ ଦଳ ପକ୍ଷରୁ ସ୍ଥାନୀୟ ମଦନ ମୋହନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବଜରଙ୍ଗ ଦଳର ବିକ୍ଷୋଭକାରୀମାନେ ମଦନ ମୋହନ ଛକରେ ଏକତ୍ରୀତ ହୋଇ ଦେଶବିରୋଧୀତତ୍ତ୍ୱଙ୍କ ବିରୋଧରେ ସ୍ଲୋଗାନ ସାଙ୍ଗକୁ ଜିହାଦିଙ୍କ କୁଶପୁତ୍ତଳିକା ଦାହ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥି ସହ ବଜରଙ୍ଗ ଦଳର କର୍ମୀମାନେ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ କେନ୍ଦ୍ରୀୟ ମାର୍ଗ ଦର୍ଶକ ମଣ୍ଡଳୀର କାର୍ଯ୍ୟକର୍ତ୍ତା ସ୍ୱାମୀ ସତ୍ୟା ନନ୍ଦ ଗିରି, ଘୁମୁସର ଜିଲ୍ଲା ସଂଯୋଜକ ଚନ୍ଦନ କୁମାର ସ୍ୱାଇଁ, ନଗର ସଂଯୋଜକ ଗୁଲସନ କୁମାର ସାହୁ, ସହ ସଂଯୋଜକ ସରୋଜ କୁମାର ସାହୁ, ଗୋ-ସୁରକ୍ଷା ପ୍ରମୁଖ ଗୋପାଳ ଗୌଡ଼ଙ୍କ ସମେତ ଶିବରାମ ବିଶ୍ୱାଳ, ଅବିନାଶ ଦାଶ, ସଂଗ୍ରାମ ଦାଶ, ସ୍ୱାଧୀନ ନନ୍ଦ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ।




### ନୂଆପଦର ଲ୍ୟାମ୍ପ୍ସ ନୂତନ ଗୃହ କାମ ନିମ୍ନମାନର

# କାମ ଆରମ୍ଭରୁ କାନ୍ଥ ଫାଟି ଆଁ

ଫିରିଙ୍ଗିଆ, ୧୯।୪(ସମିସ)

ଫିରିଙ୍ଗିଆ ବ୍ଲକରେ ଜନସାଧାରଣ ଓ ଚାଷୀଙ୍କ ସୁବିଧା ପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରି ବହୁମୁଖୀ ବୃହଦାକାର ସମବାୟ ସମିତି ଲ୍ୟାମ୍ପସ କାର୍ଯ୍ୟାଳୟ ଗୃହ, ଗୋଦାମ ଗୃହ, ବୈଠକ ସ୍ଥଳ ନୂତନ ଭାବରେ ନିର୍ମାଣ କରାଯାଉଛି। କିନ୍ତୁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଠିକ ଭାବରେ ନିର୍ମାଣ ନ କରାଯାଇ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। ନିର୍ମାଣ କାର୍ଯ୍ୟ ଆରମ୍ଭରୁ କେଉଁଠି କାନ୍ଥ ଫାଟି ଆଁ ହେଲାଣି ତ କେଉଁଠି ନିମ୍ନମାନର କାମ ଯୋଗୁଁ ନିର୍ମାଣଧୀନ କୋଠା କାମରେ ନ ଲାଗି ଖତ ଖାଇବାକୁ ବସିଥିବା ଦେଖିବାକୁ ମିଳୁଛି। ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ନୂଆପଦରରେ ୬୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ବୃହଦାକାର ବହୁମୁଖୀ ସମବାୟ ସମିତି ଲ୍ୟାମ୍ପସର ଗୃହ ଓ କୋଠା କାର୍ଯ୍ୟ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। କୋଠାର କାନ୍ଥ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ନିର୍ମାଣାଧୀନ ପିଣ୍ଡି ବର୍ତ୍ତମାନ ଫାଟି ଆଁ କଲାଣି। ଠିକ ଭାବରେ କାମରେ ପାଣି ମଧ ପଡ଼ିନଥିବା ବେଳେ କାମ ଉପରେ ରଙ୍ଗ ମାରି ଠିକାଦାର କୁଆଡେ ବିଲ କରି ଫେରାର ମାରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ କାମ ସରିଯାଇଥିବା ଠିକାଦାର କହୁଥିବା ବେଳେ କୋଠା ଓ ଗୋଦାମ ରାସ୍ତାକୁ ଯିବା ଡ୍ରେନରେ ନିର୍ମାଣ ହେଉଥିବା ଡ୍ରେନର ମାଟି ନ କାଡି ନିମ୍ନମାନର ଭାବେ ପ୍ଲେଟ ପାକାଇ ଦେଇଥିବାରୁ ଏହାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡ୍ରେନରୁ ପାଣି ଡ୍ରେନରେ ନ ଯାଇ ବର୍ଷା ହେଲେ ନିକଟରେ ଥିବା ଘର ଆଡକୁ ପାଣି ପଶିଯାଉଥିବା ଅଭିଯୋଗ ହୋଇଛି। ଏଭଳି ଲକ୍ଷାଧିକ ଟଙ୍କାର କାମକୁ ଅଧିକ ଲାଭ ଆଶାରେ ଠିକାଦାର ନିମ୍ନମାନର କାମ କରିବା ସହ ପାଣି ନ ପକାଇ ମନଇଚ୍ଛା କାମ କରିଥିବା ବେଳେ ଦାୟିତ୍ୱରେ ଥିବା ପିଡବ୍ଲୁଡ଼ି ଯନ୍ତ୍ରୀ କିମ୍ବା ଅଧିକାରୀ କିଭଳି ଏହି କାର୍ଯ୍ୟକୁ ଦେଖି ମଧ ତାଗିଦ ନ କରିବା ପିସି କାରବାର ହୋଇଥିବା ନେଇଁ ସନ୍ଦେହ ପ୍ରକଟ କରିଛନ୍ତି ଅଞ୍ଚଳବାସୀ। ଏଭଳି ନିମ୍ନମାନର କାମର ଭିଜିଲାନ୍ସ ତଦନ୍ତ କରାଯିବାକୁ ଦାବି ହେଉଛି। ଠିକାଦାରଙ୍କୁ ଏସମ୍ପର୍କରେ ପଚାରିବାରୁ ଠିକ କାମ ହୋଇଛି ଲୋକ ଅଭିଯୋଗ କରିବେ ବୋଲି କହିଥିବା ବେଳେ ଯନ୍ତ୍ରୀ ଚିନ୍ମୟ କୁମାର ଦାଶଙ୍କୁ ପଚାରିବାରୁ ଠିକାଦାରଙ୍କୁ କହି ଯାହା ତ୍ରୁଟି ଥିବ ସମାଧାନ କରାଯିବ ବୋଲି କହିଛନ୍ତି। ହେଲେ ନିମ୍ନମାନର କାର୍ଯ୍ୟକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।



**ଡ୍ରେନ୍‌ରେ ମାଟି ଉପରେ ଗୋଡି ବିଛାଇ ଛାତ ପକାଇଲେ ଠିକାଦାର**

## ଶିଶୁ କନ୍ୟାର ଅପରେସନ ପାଇଁ ସହାୟତା



ପାରଳାଖେମୁଣ୍ଡି,୧୯ ।୪(ସମିସ): ପାରଳାଖେମୁଣ୍ଡିର ଗଜପତି ବ୍ଲଡ ଡୋନର୍ସର୍ ସଂଘ ଓ ଟିମ୍ ୱାର୍କ ଗ୍ରୁପ୍ ମହାନିୟତା ଦେଖାଇଛନ୍ତି । ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ଟେକାଲି ଗ୍ରାମର ଶିବାଳୟ ସାହିର ଜଣେ ଅତ୍ୟନ୍ତ ଗରିବ ଶିଶୁକନ୍ୟାଙ୍କ ଅପରେସନ ନିମନ୍ତେ ୫୦ ହଜାର ଟଙ୍କା ସହାୟତା ଦେଇଛନ୍ତି । ଶିଶୁ କନ୍ୟାଙ୍କ ନାମ ଦୀକ୍ଷିତା (୧୦) ଏବଂ ସେଠାକାର ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀର ଛାତ୍ରୀ ହୋଇଥିବା ବେଳେ ସେ ବାପ ଛେଉଣ୍ଡ । ତାଙ୍କ ମା' ଧନଲକ୍ଷ୍ମୀ ଏଣେତେଣେ କାମ କରି ପରିବାର ଚଳାଉଥିବାବେଳେ ଦୀକ୍ଷିତାଙ୍କ ମେରୁହାଡ଼ଜନିତ ସମସ୍ୟା ରହିଛି । ସେ ଆନ୍ଧ୍ରର ବଡ ବଡ ଚିକିତ୍ସାଳୟରେ ଦେଖାଇଥିଲେ ମଧ୍ୟ ଠିକ୍ ହୋଇନଥିଲେ । ଶେଷରେ ଏକ ଘରୋଇ ଚିକିତ୍ସାଳୟରେ ଡାକ୍ତର ଅପରେସନ ପରେ ଠିକ୍ ହୋଇଯିବ ବୋଲି କହିଥିଲେ । ହେଲେ ଏଥିପାଇଁ ୮ ଲକ୍ଷ ଟଙ୍କା ଆବଶ୍ୟକ ବୋଲି କହିଥିଲେ । ଧନଲକ୍ଷ୍ମୀ ବିଭିନ୍ନସ୍ତରରେ ବିଭିନ୍ନ ଲୋକଙ୍କୁ ଶିଶୁ କନ୍ୟାର ଚିକିତ୍ସା ପାଇଁ ସହାୟତା କରିବାକୁ ଗୁହାରି କରିଥିଲେ । ତାଙ୍କ ନିବେଦନ ସୀମାନ୍ତ ଅଞ୍ଚଳରେ ପହଞ୍ଚିଥିଲା । ଟିମ୍ ୱାର୍କ୍ ଗ୍ରୁପ୍ ୮ ହଜାର ଏବଂ ଗଜପତି ବ୍ଲଡ୍ ଡୋନର୍ସ ସଂଘ ୪୨ ହଜାର ଟଙ୍କା ସଂଗ୍ରହ କରିଥିଲେ । ଆଜି ଟେକାଲି ଗ୍ରାମକୁ ଉଭୟ ସଂଗଠନର କ୍ରାନ୍ତି କୁମାର ବେହେରା, ଗୌତମୀ, ଭି. କିଲମସେଟି, ଜାମି ଶ୍ରୀନିବାସ ରାଓ, ଅନିଲକୁମାର ପହଞ୍ଚି ସଂଗୃହୀତ ନଗଦ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି ।

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



ଫିରିଙ୍ଗିଆ,୧୯।୪(ସମିସ): କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ ସହ ବିଭିନ୍ନ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟସ୍ଥଳ ପରିଦର୍ଶନ କରିଛନ୍ତି । ଏହି ଅବସରରେ ପ୍ରଥମେ ଫିରିଙ୍ଗିଆ ବ୍ଲକରେ ପହଞ୍ଚି ଫିରିଙ୍ଗିଆ ବଜାରରେ ନିର୍ମାଣାଧୀନ ବଜାରଗୃହ ବୁଲି ଦେଖିବା ପରେ କାଶିନୀପଦର ମାର୍କେଟ କମ୍ପ୍ଲେକ୍ସ, ବୃଡି ଚେକ୍‌ଡ୍ୟାମ, ଉସାଗାଡୁ ଚେକ୍‌ଡ୍ୟାମ, ଉପାନ୍ତ ଅଞ୍ଚଳ ପାହିରାଜୁ ପଞ୍ଚାୟତ କୁସୁପାଜୁ ସ୍କୁଲ, ପାହିରାଜୁ ଶବ ସେଣ୍ଟର, ସ୍କୁଲ, ବଲନ୍ଦାପଡା ପଞ୍ଚାୟତ ବାଲନ୍ଦାପଡ଼ା ହାଟ, ଲୁଇସିଂ ପଞ୍ଚାୟତର ଜିପି ଭବନ ବୁଲି ଦେଖିଥିଲେ । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ସହ ଫିରିଙ୍ଗିଆ ବ୍ଲକ ଅଧିକାରୀଙ୍କୁ କିଭଳି କାର୍ଯ୍ୟ ତୁରନ୍ତ ସରିବା ନେଇଁ ଆଲୋଚନା କରିଥିଲେ । ଏହି ପରିଦର୍ଶନରେ ଜିଲ୍ଲାପାଳ ବେଦଭୂଷଣଙ୍କ ସହ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ଜେନା ଓ ଏପିଓ ସୁମନ୍ତ ଉଠାଣସିଂ ଉପସ୍ଥିତ ଥିଲେ । ଅନ୍ୟପଟେ ଜିଲ୍ଲାପାଳଙ୍କ ଉପାନ୍ତ ଅଞ୍ଚଳ ଗସ୍ତ ପରେ ବିଭିନ୍ନ କାର୍ଯ୍ୟ ଠିକ ସମୟରେ ସରିବା ସହ ଠିକ ଭାବରେ କାମ ହେବ ବୋଲି ଆଶା ରଖିଛନ୍ତି ଅଞ୍ଚଳବାସୀ ।

## ହାତୀ ମୃତ୍ୟୁର କାରଣ କହିଲେ ବନଖଣ୍ଡ ଅଧିକାରୀ




ବାଲିଗୁଡ଼ା,୧୯।୪(ସମିସ): ବହୁ ଚର୍ଚ୍ଚିତ ବେଲଘର ହାତୀ ମୃତ୍ୟୁ ଘଟଣା ବେଳେ ପୁଣି ଝିରପାଣି ଅଞ୍ଚଳରେ ଗତ ଶୁକ୍ରବାର ଦିନ ଏକ ଦନ୍ତା ହାତୀର ମୃତ୍ୟୁ ଖବର ସାମନାକୁ ଆସିଥିଲା । ରବିବାର ଦିନ ଏକ ପ୍ରେସମିଟ ଜରିଆରେ ହାତୀ ମୃତ୍ୟୁର କାରଣର କହିଛନ୍ତି ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ ।

ସୂଚନା ଅନୁସାରେ ହାତୀ କଳାହାଣ୍ଡି ବନଖଣ୍ଡରୁ କନ୍ଧମାଳ ବନଖଣ୍ଡକୁ ଚଳିତ ମାସ ୧୩ ତାରିଖରେ ଚାଲିଆସିଥିବା ଖବର ଜାଣିବାକୁ ପାଇଥିଲା ବାଲିଗୁଡ଼ା ବନ ବିଭାଗ । କନ୍ଧମାଳ ବନଖଣ୍ଡକୁ ଆସିବା ପୂର୍ବରୁ ହିଁ ହାତୀର ପାଟିରେ ଆଘାତ ଲାଗିଥିବାରୁ ଅସୁସ୍ଥ ହୋଇପଡିଥିଲା । ହାତୀ ଏତେ ପରିମାଣର ଅସୁସ୍ଥ ହୋଇଯାଇଥିଲା ଯେ ବହୁ ଚେଷ୍ଟା ପରେ ମଧ୍ୟ ବଞ୍ଚାଇ ପାରିନଥିବା ସୂଚନାଦେଇଛନ୍ତି ବାଲିଗୁଡ଼ା ବନଖଣ୍ଡ ଅଧିକାରୀ । ତେବେ ଏଠାରେ ପ୍ରଶ୍ନ ହେଉଛି ହାତୀ ଗୁରୁତର ଅସୁସ୍ଥ ହେବାରେ ଦାୟୀ କିଏ । କଳାହାଣ୍ଡି ବନଖଣ୍ଡ ନା ବାଲିଗୁଡ଼ା ବନଖଣ୍ଡ । ତାହା ଉଚ୍ଚସ୍ତରୀୟ ତଦନ୍ତରୁ ହିଁ ଜଣାପଡ଼ିବ । କୋଟି କୋଟି ଟଙ୍କା ସରକାର ହାତୀଙ୍କ ସୁରକ୍ଷାରେ ବ୍ୟୟ କରୁଥିବା ବେଳେ ଉଚ୍ଚ ମାନର ଚିକିତ୍ସା ଅଭାବରୁ ନିରୀହ ୯ ବର୍ଷୀୟ ଦନ୍ତା ହାତୀର ଜୀବନ ଚାଲିଯାଇଥିଲା । ସେପଟେ ଏହା ଏକ ଦୁଃଖଦାୟକ ଘଟଣା କହି ବନଖଣ୍ଡ ଅଧିକାରୀ କଥାକୁ ଏଡ଼ାଇ ଦେଇଥିଲେ ।

# ଅଟକିଛି ଦେବଗିରିର ବିକାଶ; ପଡ଼ିରହିଛି ଅନୁଦାନ

ଗୁମ୍ମା,୧୯ ।୪(ସମିସ)






ଗଜପତି ଜିଲ୍ଲାରେ ମହେନ୍ଦ୍ରଗିରି ଭଳି ଆଉ ଗୋଟିଏ ପର୍ବତ ଶୃଙ୍ଗ ରହିଛି ଦେବଗିରି । ହେଲେ ମହେନ୍ଦ୍ରଗିରି ଭଳି ଦେବଗିରି ପାହାଡ ଐତିହ୍ୟ, ସଂସ୍କୃତି ସହ ଯୋଡ଼ି ହୋଇ ନଥିଲେ ମଧ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏବଂ ଏହି ପାହାଡ଼ର ପରିବେଶ ଅତ୍ୟନ୍ତ ମନୋରମ । ଔଷଧୀୟ ବୃକ୍ଷଲତା ସାଙ୍ଗକୁ ଜଙ୍ଗଲି ଜନ୍ତୁଙ୍କ ଚଳପ୍ରଚଳ ରହିଛି । ପାହାଡ଼ ଶିଖରରେ ବିସ୍ତୀର୍ଣ୍ଣ ସମତଳ ଅଞ୍ଚଳ ସହ ଏକ ପ୍ରାର୍ଥନାସ୍ଥଳ ମଧ୍ୟ ରହିଛି । ପ୍ରତିବର୍ଷ ହଜାର ହଜାର ଖ୍ରୀଷ୍ଟଧର୍ମୀ ଶାନ୍ତି ପ୍ରାର୍ଥନା ପାଇଁ ଏଠାକୁ ଆସିଥାନ୍ତି । ଶୀତଳ ଆଉ ଶାନ୍ତ ପରିବେଶ ନିଶ୍ଚିତ ଭାବରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ରାଜ୍ୟ ସରକାର ଦେବଗିରିକୁ ପର୍ଯ୍ୟଟନ କ୍ଷେତ୍ରରେ ସାମିଲ କରିବାକୁ ବିକାଶ ନିମନ୍ତେ ରୂପରେଖ ପ୍ରସ୍ତୁତ କରି ୨୦୨୪-୨୫ ଆର୍ଥିକ ବର୍ଷରେ ୧ କୋଟି ୨୩ ଲକ୍ଷ ଅନୁଦାନ ପ୍ରଦାନ ସହ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି, ରାସ୍ତାଘାଟ, ପର୍ଯ୍ୟଟକଙ୍କୁ ସୁବିଧା ଯୋଗାଇବା ପାଇଁ ଆବଶ୍ୟକ ଅନୁଦାନ ମଧ୍ୟ ମଞ୍ଜୁର କରିଥିଲେ । କିନ୍ତୁ ଠିକା ସଂସ୍ଥା ଟେଣ୍ଡର ପାଇ ୨୦୨୫ ମସିହା ଶେଷ ଆଡ଼କୁ କାର୍ଯ୍ୟ ଆରମ୍ଭ କରିଥିଲା । କିନ୍ତୁ ବିକାଶ କାମ କେବଳ ନାମକୁ ମାତ୍ର ପର୍ବତ ପାଦ ଦେଶରେ ଗୋଟିଏ ପ୍ରବେଶ ପଥରେ ସୀମିତ ।

**■ ୨୦୨୪-୨୫ ଅର୍ଥିକ ବର୍ଷରେ ମିଳିଥିଲା ୧.୨୩ କୋଟି**
**■ ବିରୋଧ ଯୋଗୁ କାମ ଆଗେଇ ପାରୁନି: ପର୍ଯ୍ୟଟନ ଅଧିକାରୀ**

ଏନେଇ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏଚ.ସଂଗ୍ରାମଙ୍କ ସୂଚନା ପ୍ରକାରେ କିଛି ସ୍ଥାନୀୟଅଧିବାସୀ ଉନ୍ନୟନ କାର୍ଯ୍ୟକୁ ବିରୋଧ କରୁଛନ୍ତି । ତେଣୁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ । ହେଲେ ଏନେଇ କେଉଁ ଅନୁଷ୍ଠାନ କିମ୍ବା ସ୍ଥାନୀୟ ଜନ ପ୍ରତିନିଧି ବିରୋଧ କରୁଛନ୍ତି ତାହା ସେ ପ୍ରକାଶ କରିନାହାନ୍ତି । କେହି ଉନ୍ନୟନ କାର୍ଯ୍ୟକୁ ସତରେ ବିରୋଧ କରୁଛନ୍ତି ନାଁ ନିଜ ଅବହେଳାକୁ ଲୁଚାଇବା ପାଇଁ ଅଧିକାରୀ ଏଭଳି କହିଛନ୍ତି ତାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ସୃଷ୍ଟି ହୋଇଛି । ସୂଚନା ଥାଉକି, ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ପାହାଡ଼ ଶିଖରରେ ଗୋଟିଏ ଆଶ୍ରୟ ସ୍ଥଳ ଓ ଦୁଇଟି ପିଣ୍ଡି ନିର୍ମାଣ ସହ କୂଅର ପୁନରୁଦ୍ଧାର କରାଯାଇଛି । ୭ କିଲୋମିଟର ପାହାଡ଼ିଆ ରାସ୍ତା ସୁଗମ ହେଲେ ପର୍ଯ୍ୟଟକଙ୍କ ପାଇଁ ବାଟ ଫିଟିବା ସହିତ ପର୍ଯ୍ୟଟନର ବିକାଶ ହେଲେ ରୋଜଗାର ସୃଷ୍ଟି ହେବା ସହ ବ୍ୟବସାୟ ବୃଦ୍ଧି ପାଇବ ଏବଂ ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

● ଅକ୍ଷୟ ତୃତୀୟାରେ ଉତ୍ସବମୁଖର ମହେନ୍ଦ୍ରଗିରି

## ପର୍ଶୁରାମ ପୀଠରେ ବିଶ୍ୱଶାନ୍ତି ପାଇଁ ମହାଯଜ୍ଞ

ରାୟଗଡ଼,୧୯।୪(ସମିସ): ରାୟଗଡ଼ ବ୍ଲକରେ ଥିବା ପ୍ରସିଦ୍ଧ ପୌରାଣିକ କ୍ଷେତ୍ର ତଥା ମହେନ୍ଦ୍ରତନୟା ନଦୀର ଉତ୍ପତ୍ତି ସ୍ଥଳ ମହେନ୍ଦ୍ରଗିରି ପର୍ବତ ଶିଖରରେ ଅକ୍ଷୟ ତୃତୀୟା ଅବସରରେ ରବିବାର ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ଅତ୍ୟନ୍ତ ଆଧାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଛି । ତ୍ରେତେୟା ଯୁଗରୁ ଭଗବାନ ପର୍ଶୁରାମ ସେଠାରେ ତପସ୍ୟା କରୁଥିବା ଉଲ୍ଲେଖ ରହିଛି ।



୩୮ ବର୍ଷ ହେବ ମହେନ୍ଦ୍ରଗିରିରେ ମହେନ୍ଦ୍ର ଆଶ୍ରମ ପକ୍ଷରୁ ପର୍ଶୁରାମ ଜୟନ୍ତୀ ପାଳନ କରାଯାଉଛି । ରବିବାର ପ୍ରତ୍ୟୁଷରୁ ମହେନ୍ଦ୍ରଗିରି ଶିଖରରେ ଥିବା ପର୍ଶୁରାମ ବଟ, ପର୍ଶୁରାମ ପୀଠ ଏବଂ କୁନ୍ତୀ ମନ୍ଦିର ଆଦି ତିନୋଟି ସ୍ଥାନରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ସ୍ଥାନୀୟ ପୂଜକ ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ହୋମ-ଯଜ୍ଞ ଓ ବେଦ ପାଠ କରାଯାଇ ବିଶ୍ୱଶାନ୍ତି କାମନା କରାଯାଇଥିଲା । ଭଗବାନ ପର୍ଶୁରାମଙ୍କ ବିଗ୍ରହକୁ ସୁଗନ୍ଧିତ ପୁଷ୍ପ ଓ ନୂତନ ବସ୍ତ୍ରରେ ସଜ୍ଜିତ କରାଯାଇଥିଲା । କଲିକତାରୁ ସ୍ୱାମୀ ସଦାନନ୍ଦ, ବ୍ରହ୍ମପୁରରୁ ସ୍ୱାମୀ ବ୍ରହ୍ମାନନ୍ଦ, ବାବା ଅଜୟ ଦାସ, ବାବା ଉଦ୍ଧବ ଦାସ, ପ୍ରଫୁଲ ବାବା, ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ପ୍ରଶାନ୍ତ କରଙ୍କ ସମେତ ଋଷିପୁତ୍ର ଓ ଋଷିକନ୍ୟା ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ସାଧୁ ସନ୍ଥ ଓ ଭକ୍ତ ଯୋଗ ଦେଇଥିଲେ । ମହେନ୍ଦ୍ରଆଶ୍ରମର ପ୍ରତିଷ୍ଠାତା ପୂଜ୍ୟ ସ୍ୱାମୀ ଭାସ୍କର ତୀର୍ଥ (ଲକ୍ଷ୍ମୀ ବାବା) କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ; ଯୁବକ ଗିରଫ

ଫିରିଙ୍ଗିଆ,୧୯।୪(ସମିସ): କିଛିଦିନ ହେଲା କନ୍ଧମାଳ ଜିଲ୍ଲାରେ ନାବାଳିକାଙ୍କ ଉପରେ ବଢ଼ି ଚାଲିଥିବା ଯୌନ ଶୋଷଣ ଓ କୁଆଁରୀ ମାତୃତ୍ୱ ଉପରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ବିଭିନ୍ନ କଲେଜ ଓ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଜଣେ ନାବାଳିକାକୁ ଜଣେ ନାବାଳକ ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିବା ଫିରିଙ୍ଗିଆ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ତଦନ୍ତ କରି ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ପୁଲିସର ସୂଚନା ଅନୁସାରେ ଜେଜେଶପାଙ୍ଗା ଅଞ୍ଚଳର ନାବାଳିକାକୁ ବାଲିଗୁଡା ଅଞ୍ଚଳର ଜଣେ ଯୁବକ ପ୍ରେମ ଜାଲରେ ଫସାଇ ଦୁଷ୍କର୍ମ କରିବା ପରେ ଝିଅ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲା । ନାବାଳିକାର ପରିବାର ଲୋକଙ୍କ ଚାପରେ ପଡି ଅଭିଯୁକ୍ତ ଜଣକ ପୀଡିତ ନାବାଳିକାକୁ ବିବାହ ପାଇଁ ନିଜ ଘରକୁ ନେଇଥିଲା । ଘରେ କିଛିଦିନ ଭଲରେ ରଖି ନାବାଳିକା ସହ ବାରମ୍ବାର ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲା । କିନ୍ତୁ କିଛିଦିନ ହେଲା ସମ୍ପୃକ୍ତ ନାବଳକ ଏବେ ଯୁବକ ହୋଇଥିବା ବେଳେ ପରିବାର ଲୋକେ ନାବାଳିକାକୁ ଅତ୍ୟାଚାର କରିବା ସହ ମାରପିଟ କରିଥିଲେ । ଅତ୍ୟାଚାର ସହିନପାରି ନାବାଳିକା ଜଣକ ଲୁଚିଛପି ନିଜ ଘରକୁ ଚାଲି ଆସିଥିଲେ । ଏହାପରେ ନାବାଳିକା ଜଣକ ଗତକାଲି ଫିରିଙ୍ଗିଆ ଥାନାରେ ଏକ ଲିଖିତ ଏତଲା ଦେଇଥିଲେ । ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଦୀପକ କୁମାର ରାଉତଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ଏତଲା ପରେ ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ମୁରଲୀଧର ସାହୁ ସୂଚନା ଦେଇଛନ୍ତି ।

## ହଜାରେରୁ ଉର୍ଦ୍ଧ୍ୱ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରି ଚର୍ଚ୍ଚାରେ ଆନନ୍ଦ



ଫିରିଙ୍ଗିଆ,୧୯।୪(ସମିସ): ଫିରିଙ୍ଗିଆ ଓଡ଼ିଆ ସାହିର ଆନନ୍ଦ ପ୍ରସାଦ ସାହୁ (୨୬) ସାଧାରଣ ଲୋକଙ୍କ ସମସ୍ୟା ସହ ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କ ଜନଶୁଣାଣି ପୋର୍ଟାଲରେ ହଜାରେରୁ ଉର୍ଦ୍ଧ୍ୱ ଗ୍ରୀଭାନ୍ସ ପକାଇ ବର୍ତ୍ତମାନ ଚର୍ଚ୍ଚାର ପରିସରକୁ ଆସିଥିବା ବେଳେ ଏହି କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି । ଆନନ୍ଦ ଜଣେ ଉଚ୍ଚ ଶିକ୍ଷିତ ଯୁବକ । ଲୋକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଓ ଏହାର ସମାଧାନ ପାଇଁ ୮ ମାସ ପୂର୍ବେ ସରକାରଙ୍କ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରି କିଭଳି ସମସ୍ୟାର ସମାଧାନ ହୋଇପାରିବ ଓ ସାଧାରଣ ଲୋକେ ନ୍ୟାୟ ପାଇପାରିବେ ସେ ନେଇ ମନ ବଳାଇଥିଲେ । ୮ ମାସ ଭିତରେ ଏକ ହଜାରରୁ ଅଧିକ ବିଭିନ୍ନ ସମସ୍ୟା ବିଷୟରେ ଖବରକାଗଜରେ ବାହାରିଥିବା ସମସ୍ୟାକୁ ସରକାରଙ୍କ ଜନଶୁଣାଣୀ ପୋର୍ଟାଲରେ ପକାଇ ଥିବାବେଳେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୪ଶହ ସମସ୍ୟାର ସମାଧାନ ହୋଇଛି । ସମସ୍ୟାର ସମାଧାନ ପରେ ବିଭିନ୍ନ ଲୋକଙ୍କ ତରଫରୁ ଫୋନ୍‌କଲ ଆସୁଥିବାବେଳେ ବିଭିନ୍ନ ସରକାରୀ କାର୍ଯ୍ୟାଳୟଠାରୁ ମଧ୍ୟ ତାଙ୍କ ନିକଟକୁ ଫୋନ୍ ଆସୁଛି । ବର୍ତ୍ତମାନ ସେ ଜନସାଧାରଣଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି ।

## ଓଡ଼ିଶା ଅବସରପ୍ରାପ୍ତ ସରକାରୀ ସଂଘ ଗଜପତି ଶାଖାର ଜରୁରୀ ବୈଠକ



ପାରଳାଖେମୁଣ୍ଡି,୧୯।୪(ସମିସ): ଓଡ଼ିଶା ଅବସରପ୍ରାପ୍ତ କମଚାରୀ ସଂଘ ଗଜପତି ଶାଖ ଆନୁକୂଲ୍ୟରେ ଜରୁରୀ ବୈଠକ ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ସଭାପତି ଅଶ୍ୱିନୀ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅନୁଷ୍ଠାନର ଉପସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା କାର୍ଯ୍ୟସୂଚୀର ପ୍ରାକ୍ ସୂଚନା ଦେବାପରେ ଦିବଙ୍ଗତ ବରିଷ୍ଠ ନାଗରିକ ଅରକ୍ଷିତ ଜେନା, ରଘୁନାଥ ପାଢ଼ୀ, ନରସିଂହ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଚଳିତ ମାସ ୨୧ ତାରିଖ ଦିନ ୭ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଦାବି ସଂପର୍କରେ ସ୍ମାରକପତ୍ର ପ୍ରଦାନ କରାଯିବା ନିଷ୍ପତ୍ତି ହୋଇଛି । ଆସନ୍ତା ମାସ ୧୩-୧୪ ତାରିଖରେ ଭୁବନେଶ୍ୱର ଚାଲ ଅଭିଯାନକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା । ସେହିପରି ବରିଷ୍ଠ ନାଗରିକ ଯୋଗେନ୍ଦ୍ର ପଣ୍ଡାଙ୍କ ମତ ଅନୁଯାଇ ବାଇପାସ୍ ଅଧପନ୍ତରିଆ କାମ ଏବଂ ପାରଳାର ମୁଖ୍ୟ ବଜାର ଓ ପାର୍ଶରାସ୍ତାରେ ବାରମ୍ବାର ପରିବା,ଫୁଲ ନଡ଼ିଆ, ପ୍ରଭୃତି ବେପାରୀଙ୍କ ଜବର ଦଖଲ, ଯାନବାହନର ଭିଡ଼ସହ ଗୋରୁଗାଇ, ଷଣ୍ଢ/କୁକୁର ଯୋଗୁଁ ବରିଷ୍ଠ ନାଗରିକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ବୋଲି ଆଲୋଚନା ହୋଇଥିଲା । ସମସ୍ୟାର ତୁରନ୍ତ ସମାଧାନ ଦାବି କରାଯାଇଥିଲା । ସମ୍ପାଦକ ସୁରେଶ ବେହେରା, ଉପଦେଷ୍ଟା ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ବୈଠକରେ ଅଂଶଗ୍ରହଣ କରିଥିଲେ । ସମସ୍ତ ବରିଷ୍ଠ ନାଗରିକ ମାନେ ନିଜ ନିଜର ପରିଚୟ ପତ୍ର, ପାଇଁ ଆବେଦନ କରିବାପାଇଁ ଅନୁରୋଧ କରାଯାଇଥିଲା । ଶ୍ରୀନିବାସ ପଟ୍ଟନାୟକ, ଉପେନ୍ଦ୍ର ବିଶ୍ୱଳ ଓ ଯୋଗେନ୍ଦ୍ର ପଣ୍ଡା, ପରିଚାଳନା କରିଥିଲେ ।

## ପଦାମୃତ ନୃତ୍ୟାୟନର ସଫଳତା



ପାରଳାଖେମୁଣ୍ଡି,୧୯ ।୪(ସମିସ): ପାରଳାଖେମୁଣ୍ଡିର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ପଦାମୃତ ନୃତ୍ୟାୟନ ପାଇଛି ଆଉ ପାଦେ ସଫଳତା । କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ସଦ୍ୟ ପ୍ରକାଶିତ ସାଂସ୍କୃତିକ ପ୍ରତିଭା ବୃତ୍ତି ଯୋଜନା କନିଷ୍ଠ ବିଭାଗରେ ଓଡ଼ିଶୀ ନୃତ୍ୟ ପାଇଁ ଅନୁଷ୍ଠାନର ଜାଗୃତି ଜୀବନଜ୍ୟୋତି ମନୋନିତ ହୋଇଛନ୍ତି । କେନ୍ଦ୍ର ସରକାରଙ୍କ ଏହି ସମ୍ମାନିତ କଳା ବୃତ୍ତି ଜାଗୃତି ପାଇବା ପରେ ତାଙ୍କୁ ଏହି ଯୋଜନା ଅଧୀନରେ ବିଭିନ୍ନ ସରକାରୀ ସୁବିଧା ମିଳିପାରିବ । ତାଙ୍କ ଏହି ସଫଳତା ପଛରେ ତାଙ୍କ ନୃତ୍ୟ ପ୍ରଶିକ୍ଷିକା ଗୁରୁ ବିଦ୍ୟୁପ୍ରିୟା ବେହେରା ଓ ପ୍ରିତିପ୍ରିୟା ବେହେରାଙ୍କ ସହଯୋଗ ରହିଛି । ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି । ଅନୁଷ୍ଠାନର ସଭାପତି କେ.ରାମସ୍ୱାମୀ, ଉପଦେଷ୍ଟା ନୃସିଂହ ଚରଣ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର, ମନୋଜ ପାଢ଼ୀ, ଆଦର୍ଶ ଦାସ, ଘନଶ୍ୟାମ ବେହେରା, ହିମାଂଶୁ ପଟ୍ଟନାୟକ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଓଡ଼ିଶୀ ନୃତ୍ୟ ଶିଳ୍ପୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

କଞ୍ଚା ପଣସକୁ ମିଳୁନି ଉଚିତ ମୂଲ୍ୟ

# ଉତ୍ପାଦନ ସ୍ଥଳରେ ଅନାଦର; ପଡ଼ୋଶୀରେ ଆଦର

ଗୁମ୍ମା,୧୯ ।୪(ସମିସ)



ଶାକାହାରୀଙ୍କ ପାଇଁ ମାଂସ କଞ୍ଚା ପଣସ । ପୋଷକତତ୍ତ୍ୱ ଭରା ଏହି ଫଳର ସ୍ୱାଦ ନିଆରା । ପ୍ରାୟ ଘରେ ଘରେ ପଣସରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ଏହି ଋତୁରେ ହୋଇଥାଏ । ଲୋକେ ମଧ୍ୟ ଏହାକୁ ଖାଇବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । କିନ୍ତୁ ଗଜପତି ଜିଲ୍ଲା ଗୁମ୍ମା ଅଞ୍ଚଳରେ କଞ୍ଚା ପଣସକୁ ମିଳୁନି ବଜାର ମୂଲ୍ୟ । ଏହି କଞ୍ଚା ପଣସ ଗଛରୁ ସଂଗ୍ରହ ପରେ ରାସ୍ତା କଡ଼ରେ ବଜାର ଖୋଲୁଛି । ଯୁବଗୋଷ୍ଠୀ ନିଜ ବାଡ଼ି ବଗିଚାର ହେଉ କି ଜଙ୍ଗଲରେ ଥିବା ଗଛରୁ କଞ୍ଚା ପଣସ ତୋଳି ଆଣି କିଲୋ ପିଛା ୧୫ ରୁ ୨୦ ଟଙ୍କାରେ ବିକ୍ରି କରି ନିଜ ହାତ ଖର୍ଚ୍ଚ ଉଠାଇଥାନ୍ତି । କିନ୍ତୁ ସଂଗୃହୀତ କଞ୍ଚା ପଣସର ଚାହିଦା ବାହାର ରାଜ୍ୟରେ ଅଧିକ ଥିବାବେଳେ ଏହାର ମୂଲ୍ୟ ପାଉନି ତୋଳାଳି । ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ବିହାର ଓ ମଧ୍ୟପ୍ରଦେଶ ଆଦି କେତେକ ରାଜ୍ୟର ଦଲାଲ ପଣସକୁ ଶାଗମାଛ ଦରରେ ଏଠାରୁ ଟ୍ରକ ଟ୍ରକ ବୋହି ନେଇ ମାଲାମାଲ୍ ହେଉଛନ୍ତି । ସମଗ୍ର ଭାରତ ବର୍ଷରେ ପଣସ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି । ଓଡ଼ିଶାର ୧୫ ଜିଲ୍ଲାରେ ପଣସ ଚାଷ ହେଉଥିବା ବେଳେ ୩.୧୫ ଟନ ଉତ୍ପାଦନ ହୋଇଥାଏ । ଗୁମ୍ମା ବ୍ଲକରେ ଏହାର ସିଂହ ଭାଗ ଉତ୍ପାଦନ ହେଉଥିବା ବେଳେ ଏଠାକାର ପଣସ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଅଞ୍ଚଳର ଜଳବାୟୁ ଓ ମାଟିର ଆଦ୍ରତା ଯୋଗୁଁ ଏଠାରେ ପଣସ ଭଲ ଉତ୍ପାଦନ ହୋଇଥାଏ । ଏଠାକାର ପଣସରେ ଶରୀରକୁ ପ୍ରତିଦିନ ଆବଶ୍ୟକ କରୁଥିବା ଏକାଧିକ ଭିଟାମିନ ୫୫ ପ୍ରତିଶତ ମିଳିଥାଏ ବୋଲି ବିଶେଷଜ୍ଞଙ୍କ ମତ । ଗୁମ୍ମା ବ୍ଲକର ୨୧ ଗ୍ରାମାଞ୍ଚଳରେ ସେରଙ୍ଗ, ଗାଇବା, ଗୁମ୍ମା, ତୁମୁଲ, ଅଜୟଗଡ଼, ସୁକେଇ ଓ କିତୁମ୍ବା ଚାଷୀଙ୍କ ନିଜସ୍ୱ ଉଦ୍ୟମରେ ୧୮.୫୪ ହେକ୍ଟର ଜମିରେ ପଣସ ବୃକ୍ଷ ରୋପଣ ହୋଇଥିବା କୁହାଯାଇଛି । ଉକ୍ତ ଅଞ୍ଚଳରୁ ୭୧.୩୩ ମେଟ୍ରିକ ଟନ୍ ପଣସ ଉତ୍ପାଦନ ହେଉଥିବା ସୂଚନା ମିଳିଛି । ଅଞ୍ଚଳର ପଣସରେ ଭିଟାମିନ ଏ, ସି, କ୍ୟାଲସିୟମ, ପୋଟାସିୟମ, ଫଲିକଏସିଡ୍ ଭଳି ପୋଷକତତ୍ତ୍ୱ ଥିବା କୁହାଯାଉଛି । କିନ୍ତୁ ଉକ୍ତ ପୋଷକତତ୍ତ୍ୱକୁ ଜିଲ୍ଲାରେ ତଥା ରାଜ୍ୟବାସୀଙ୍କ ହିତରେ ବ୍ୟବହାର କରିବାରେ ସାଧନ ନାହିଁ । ଉକ୍ତ ଉତ୍ପାଦିତ ପଣସର ସଦୁପଯୋଗ କରି ମହିଳା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବାରେ ବିଭାଗ ବିଫଳ ହୋଇଥିବା ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ଉକ୍ତ ମୂଲ୍ୟବାନ ପୁଷ୍ଟି ପୋଷକତତ୍ତ୍ୱ ପଣସ ଚାଷ ଏବଂ ଚାଷୀଙ୍କ ପାଇଁ ଦୃଷ୍ଟି ଦେବାକୁ ଅଞ୍ଚଳର ପଣସ ଚାଷୀ ଦାବି କରିଛନ୍ତି ।

## ଜି.ଉଦୟଗିରି ପ୍ରେସ୍ କ୍ଲବର ସାଧାରଣ ବୈଠକ



ଜି.ଉଦୟଗିର,୧୯।୪(ସମିସ): ଜି.ଉଦୟଗିରି ପ୍ରେସ୍ କ୍ଲବର ସାଧାରଣ ବୈଠକ ସିରିକି ଜେସିପି ଫାର୍ମ ହାଉସରେ ଅନୁଷ୍ଠିତ ହୋଇଥିଲା । କ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ବୈଠକରେ ବରିଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନୂତନ ସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା । ଏହା ସହିତ ସମାଜର ମଙ୍ଗଳ ପାଇଁ ସାମ୍ବାଦିକଙ୍କ କଲମ ଚାଳନା ମୁଖ୍ୟ ଲକ୍ଷ୍ୟ ହେଉ ବୋଲି ବରିଷ୍ଠ ସାମ୍ବାଦିକ ତଥା ମାର୍ଗ ଦର୍ଶକ ବିଦ୍ୟାଧର ପାଳ ପରାମର୍ଶ ଦେଇଥିଲେ । ବୈଠକରେ ସମ୍ପାଦକ ଅନିଲ କୁମାର ଦଳବେହେରା ପୂର୍ବ ବିବରଣୀ ପଠନ କରିଥିଲେ । ପ୍ରେସ କ୍ଲବ ସଂଗଠନକୁ ସୁଦୃଢ ଓ କ୍ରୀୟାଶୀଳ କରିବାକୁ ଏନ. ରାଜା ରାଓଙ୍କୁ ସଂଙ୍ଗଠନିକ ସମ୍ପାଦକ ଓ ପ୍ରତାପ ଚନ୍ଦ୍ର ପାଢୀଙ୍କୁ ସହ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ଏହା ସହିତ ନୂତନ ସଭ୍ୟ ଭାବେ ୪ ଜଣ ସାମ୍ବାଦିକ ପି. ସଞ୍ଜୀବ କୁମାର ପାତ୍ର, ନୀଳମାଧବ ପ୍ରଧାନ, ପ୍ରଜ୍ଞାଞ୍ଜିତ ନାୟକ ଓ ମନୋଜ କୁମାର ନାୟକଙ୍କୁ ବିଧିବଦ୍ଧ ଭାବେ ଗ୍ରହଣ କରାଯିବା ସହିତ ସ୍ୱାଗତ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ଶ୍ରୀ ପାଳ, ଦେବନାଥ ଦଳବେହେରା ଏବଂ ପତିତପାବନ ସାହୁଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଆଜିର ଏହି ସାଧାରଣ ବୈଠକରେ ଉପସଭାପତି ପ୍ରସନ୍ନ କୁମାର ମିଶ୍ର, ସମ୍ପାଦକ ଅନିଲ କୁମାର ଦଳବେହେରା, କୋଷାଧ୍ୟକ୍ଷ ସଞ୍ଜୟ କୁମାର ମହାନ୍ତି, ବରିଷ୍ଠସାମ୍ବାଦିକ ବିଦ୍ୟାଧର ପାଳ, ଦେବନାଥ ଦଳବେହେରା, ପତିତପାବନ ସାହୁ, ବଟକୃଷ୍ଣ ଦାଶ, ପ୍ରତାପ ଚନ୍ଦ୍ର ପାଢ଼ୀ, ଏନ.ରାଜା ରାଓ, ଚନ୍ଦ୍ରଶେଖର ପାଢ଼ୀ,ଉମେଶ ବର୍ଗତ୍ତୀ, ସୁସ୍ମିତା ଜେନା,ଦୁର୍ଗାମାଧବ ପଟ୍ଟନାୟ, ପି.ସଞ୍ଜୀବ କୁମାର ପାତ୍ର, ନୀଳ ମାଧବ ପ୍ରଧାନ ଏବଂ ପ୍ରଜ୍ଞାଜିତ ନାୟକ ଯୋଗ ଦେଇଥିଲେ ।

